ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

ସମ୍ବାଦ କଳିକା

The Sambad Kalika

e-paper www.sambadkalika.in

E-mail : sambadkalikanews@gmail.com

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

ମୂଲ୍ୟ : ୨.୦୦ ଟଙ୍କା 8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୧୪୨ ● ୧୯ ଜୁନ୍ ୨୦୨୪, ବୁଧବାର ● ଭୁବନେଶ୍ୱର ● Vol -31 ● Issue-142 ● 19th June 2024, Wednesday ● Bhubaneswar

Licensed to post without pre-payment of postage No- BN-60/22-24

ପିଏମ୍ କିଷାନ ସମ୍ମାନ ନିଧିର ୧୭ତମ କିସ୍ତି ପ୍ରଦାନ କଲେ ପ୍ରଧାନମନ୍ତ୍ରୀ

୯.୨୬ କୋଟି ଚାଷୀଙ୍କ ଖାତାକୁ ଗଲା ୨୦ ହଜାର କୋଟି

ନୂଆଦିଲ୍ଲୀ, ୧୮।୬

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଉତ୍ତର ପ୍ରଦେଶର ବାରଣାସୀଠାରେ ଆୟୋଜିତ କୃଷକ ସମ୍ମାନ ସମ୍ମିଳନୀକୁ ସମ୍ବୋଧିତ କରିବା ସହ ପ୍ରାୟ ୯.୨୬ କୋଟି ହିତାଧିକାରୀ କୃଷକଙ୍କୁ ୨୦ ହଜାର କୋଟିରୁ ଅଧିକ ଟଙ୍କାର ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର କରିଥିଲେ। ଏହି କାର୍ଯ୍ୟକ୍ରମରେ ସେ ସ୍ୱୟଂ ସହାୟକ ଗୋଷ୍ଠୀର ୩୦ ହଜାରରୁ ଅଧିକ ମହିଳାଙ୍କୁ କୃଷି ସଖୀ ଭାବେ ସାର୍ଟିଫିକେଟ ପ୍ରଦାନ କରିଥିଲେ। ବୈଷୟିକ ଜ୍ଞାନକୌଶଳ ଜରିଆରେ ସାରା ଦେଶର କୃଷକଙ୍କୁ ଏହି କାର୍ଯ୍ୟକ୍ରମ ସହ ଯୋଡାଯାଇଥିଲା।

ସଭାକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଏହି ନିର୍ବାଚନ ମଣ୍ଡଳୀରୁ ଲୋକସଭା ନିର୍ବାଚନ ଜିତିବା ପରେ ପ୍ରଥମ ଥର ପାଇଁ କାଶୀବାସୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଲଗାତାର ତୃତୀୟ ଥର ପାଇଁ ତାଙ୍କୁ ଚୟନ କରିଥିବାରୁ ସେ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବର୍ତ୍ତମାନ ମା' ଗଙ୍ଗା ମଧ୍ୟ ମୋତେ ପୋଷ୍ୟ ଭାବେ ଗ୍ରହଣ କରିଥିବା

ପରି ମନେ ହେଉଛି ଏବଂ ମୁଁ କାଶୀ ପାଇଁ ସ୍ଥାନୀୟ ହୋଇପାରିଛି ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି।

ପ୍ରଧାନମନ୍ତ୍ରୀ କହିଥିଲେ ଯେ ନିକଟରେ ଶେଷ ହୋଇଥିବା ଅଷ୍ଟାଦଶ ଲୋକସଭା ପାଇଁ ନିର୍ବାଚନ ଭାରତର ଗଣତନ୍ତ୍ରର ବିଶାଳତା, ସାମର୍ଥ୍ୟ, ବ୍ୟାପକତା ଏବଂ ମୂଳର ପ୍ରତୀକ ଏବଂ ଏହାକୁ ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରିଛି । ଏହି ନିର୍ବାଚନରେ ୬୪ କୋଟିରୁ ଅଧିକ ଲୋକ ଭୋଟ ଦେଇଥିଲେ ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ଏତେ ବଡ଼ ଧରଣର ନିର୍ବାଚନ ଅନ୍ୟ କେଉଁଠି ହୁଏ ନାହିଁ, ଯେଉଁଥିରେ ନାଗରିକଙ୍କ ଏତେ ବଡ଼ ଭାଗିଦାରୀ ଦେଖିବାକୁ ମିଳେ। ନିକଟରେ ଇଟାଲୀରେ ଅନୁଷ୍ଠିତ ଜି-୭ ଶିଖର ସମ୍ମିଳନୀକୁ ତାଙ୍କର ଗସ୍ତକୁ ମନେ ପକାଇ ପ୍ରଧାନମନ୍ତ୍ରୀ ଦର୍ଶାଇଥିଲେ ଯେ ଭାରତରେ ଭୋଟର ସଂଖ୍ୟା ସମସ୍ତ ଜି-୭ ରାଷ୍ଟ୍ରର ଭୋଟରଙ୍କ ସଂଖ୍ୟା ଠାରୁ ଦେଢ଼ ଗୁଣ ଅଧିକ ଏବଂ ୟୁରୋପୀୟ ସଂଘର ସମସ୍ତ ସଦସ୍ୟ ରାଷ୍ଟ୍ରରେ ଭୋଟରଙ୍କ ସଂଖ୍ୟାଠାରୁ ଅଢ଼େଇ ଗୁଣ ଅଧିକ। ପ୍ରଧାନମନ୍ତ୍ରୀ ମୋଦି ୩୧ କୋଟିରୁ ଅଧିକ ମହିଳା ଭୋଟରଙ୍କ ଅଂଶଗ୍ରହଣ ଉପରେ ଆଲୋକପାତ କରିଥିଲେ ଏବଂ ଗୋଟିଏ ଦେଶ ବିଷୟରେ ଉଲ୍ଲେଖ କରି କହିଥିଲେ ଯେ ଏହା ବିଶ୍ୱର ସର୍ବାଧିକ ମହିଳା ଭୋଟର ଥିବା ଦେଶ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହା ଆମେରିକାର ସମଗ୍ର ଜନସଂଖ୍ୟାର ନିକଟତର ଭାରତର ଗଣତନ୍ତ୍ରର ଶକ୍ତି ଏବଂ ସୌନ୍ଦର୍ଯ୍ୟ କେବଳ ସମଗ୍ର ବିଶ୍ୱକୁ ଆକର୍ଷିତ କରେ ନାହିଁ ବରଂ ଏହାର ପ୍ରଭାବ ମଧ୍ୟ ପକାଇଥାଏ ବୋଲି ଶ୍ରୀ ମୋଦି କହିଛନ୍ତି । ଗଣତନ୍ତ୍ରର ଏହି ପର୍ବରେ ଅଂଶଗ୍ରହଣ କରି ଏହାକୁ ସଫଳ କରିଥିବାରୁ ପ୍ରଧାନମନ୍ତ୍ରୀ ବାରାଣାସୀବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦି କୃତଜ୍ଞତା ଜ୍ଞାପନ କରି କହିଛନ୍ତି, ବାରଣାସୀର ଲୋକମାନେ କେବଳ ଜଣେ ସାଂସଦଙ୍କୁ ନୁହେଁ ବରଂ ପ୍ରଧାନମନ୍ତ୍ରୀଙ୍କୁ ନିର୍ବାଚିତ କରିଛନ୍ତି।

ତୃତୀୟ ଥର *(ପୃଷ୍ଠା ୭ରେ)*

ବରଗଡରେ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

ପିଏମ୍ କିଷାନ ଯୋଜନାରେ ଓଡ଼ିଶାର ୩୧.୬୨ ଲକ୍ଷ ଚାଷୀ ପାଇଲେ ୬୩୨.୪୮ କୋଟି

ବରଗଡ/ଭୁବନେଶ୍ୱର, ୧୮।୬
ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ବରଗଡ ଗସ୍ତ କରି ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ଉତ୍ସବରେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଯୋଜନାରେ ମଙ୍ଗଳବାର ଓଡିଶାର ୩୧.୬୨ ଲକ୍ଷ ଚାଷୀ ୬୩୨.୪୮ କୋଟି ଟଙ୍କା ପାଇଲେ। ପ୍ରତ୍ୟେକ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୨୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ବାରଣାସୀରେ ଆୟୋଜିତ ରାଷ୍ଟ୍ରୀୟ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି।

ବରଗଡରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ହଜାର ହଜାର ଲୋକଙ୍କ ଗହଣରେ ଏକ ରୋଡ ସୋ'ରେ ଯାଇ କାର୍ଯ୍ୟକ୍ରମ ସ୍ଥଳରେ ପହଞ୍ଚିଥିଲେ। ରାସ୍ତାରେ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସାରା ରାସ୍ତାରେ ଲୋକଙ୍କୁ ହାତ ହଲାଇ ଶୁଭେଚ୍ଛା ଜଣାଇଥିଲେ। ବିପୁଳ ଉତ୍ସାହରେ ଲୋକମାନେ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଥିବା ପ୍ଲାକାର୍ଡ ଧରି ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ଲୋକଙ୍କ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଲୋକଙ୍କ ଭିତରେ ବିପୁଳ ଉତ୍ସାହ ଦେଖିବାକୁ ମିଳିଥିଲା। ଲୋକଙ୍କ ଏହି ଅଭୁତପୂର୍ବ ଉତ୍ସାହ ଓ ସମ୍ବର୍ଦ୍ଧନା ଯୋଗୁ ମୁଖ୍ୟମନ୍ତ୍ରୀ ବରଗଡବାସୀଙ୍କୁ ଧନ୍ୟବାଦ ଦେଇଥିଲେ ଏବଂ ଖୁବଶୀଘ୍ର ପୁଣି ଥରେ ଆସିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଧାନମନ୍ତ୍ରୀଙ୍କ ଉଚ୍ଚ ପ୍ରଶଂସା କରି କହିଲେ ଯେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ହେଉଛନ୍ତି କୃଷକ ମାନଙ୍କର ପ୍ରକୃତ ବନ୍ଧୁ । ଚାଷୀମାନଙ୍କୁ ସବୁ ସହାୟତା ମାଧ୍ୟମରେ ସିଧାସଳଖ ବ୍ୟାଙ୍କ ଖାତାରେ ପହଞ୍ଚୁଛି ପ୍ରଧାନମନ୍ତ୍ରୀଙ୍କ ଏହି ଯୋଜନା। କୃଷକ ମାନଙ୍କ ପାଇଁ ବିକାଶର ରାସ୍ତା ଖୋଲିଛି।

ସେ କହିଲେ ଯେ ଆଜି ପି.ଏମ.କିଷାନ ସମ୍ମାନ ନିଧି ଯୋଜନାର ୧୭ତମ କିସ୍ତିରେ ମଙ୍ଗଳବାର କୃଷକ ମାନେ ପ୍ରତ୍ୟେକ ୨୦୦୦ ଟଙ୍କା ଲେଖାଏଁ ପାଇଲେ। ଓଡ଼ିଶାର ୩୧ ଲକ୍ଷ ୬୨ *(ପୃଷ୍ଠା ୭ରେ)*

ଦେବୀ ନଦୀରେ ବୁଡି ୩ ନାବାଳକ ମୃତ

ଅସ୍ତରଙ୍ଗ, ୧୮।୬
ନ୍ୟୁଜ୍ ବ୍ୟୁରୋ

ନଦୀରେ ଗାଧୋଇବାବେଳେ ବୁଡିଯାଇ ୩ ନାବାଳକ ମୃତ୍ୟୁ ଘଟିଥିବା ଦୁଃଖଦ ଖବର ମିଳିଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ବାଲିଡିଆ ଗାଁ ନିକଟବର୍ତ୍ତୀ ଦେବୀ ନଦୀରେ ୩ ନାବାଳକ ଗାଧୋଉଥିବାବେଳେ ବୁଡି ଯାଇ ମୃତ୍ୟୁ ବରଣ କରିଛନ୍ତି। ନାବାଳକ ବୁଡି ଯାଇଥିବା ଖବର ପାଇ ଅଗ୍ନିଶମ ବାହିନୀ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଗୁରୁତର ଅବସ୍ଥାରେ ୩ ନାବାଳକଙ୍କୁ ଉଦ୍ଧାର କରାଯାଇଥିଲା। ସେମାନଙ୍କୁ ତୁରନ୍ତ ତୁରନ୍ତ ଚିକିତ୍ସା ଲାଗି ଅସ୍ତରଙ୍ଗ ପରେ ଚାରିଛକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଡାକ୍ତର ସମସ୍ତ ୩ ନାବାଳକଙ୍କୁ ମୃତ ଘୋଷଣା କରିଛନ୍ତି। ୩ ନାବାଳକ ରୋହନ ବେହେରା , କାହ୍ନା ବେହେରା , ଓମ ବେହେରା ବୋଲି ଜଣାପଡିଛି । ଦିନ ୧୧ଟା ସମୟରେ ସେମାନେ ଗାଧୋଇବାକୁ ଯାଇ ଆଉ ଘରକୁ ଫେରି ନଥିଲେ। ଘର ଲୋକ ଦେବୀ ନଦୀ ନିକଟରେ ଖୋଜାଖୋଜି କରିବା ପରେ ସେମାନଙ୍କୁ ପାଇନଥିଲେ। ଏହାପରେ ଅଗ୍ନିଶମବାହିନୀକୁ ଖବର ଦେଇଥିଲେ। ଘଟଣାକୁ ନେଇ ଅସ୍ତରଙ୍ଗ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

ନିଟ୍ ପରୀକ୍ଷା ବିବାଦ : କେନ୍ଦ୍ର ଓ ଏନଟିଏକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ଅବହେଳା ପାଇଁ ନିଆଯିବ କାର୍ଯ୍ୟାନୁଷ୍ଠାନ

ନୂଆଦିଲ୍ଲୀ, ୧୮।୬

ଚଳିତ ବର୍ଷ ଜାତୀୟ ଯୋଗ୍ୟତା ସହ ପ୍ରବେଶିକା ପରୀକ୍ଷା (ସ୍ନାତକୋତ୍ତର) ପରୀକ୍ଷାରେ ହୋଇଥିବା ଅନିୟମିତତାକୁ ଦର୍ଶାଇ ସୁପ୍ରିମକୋର୍ଟ ମଙ୍ଗଳବାର କେନ୍ଦ୍ର ଓ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନଟିଏ)କୁ ନିର୍ଦ୍ଦେଶ ଦେଇ କହିଛନ୍ତି ଯେ ଯଦି ଏକ୍ଷେତ୍ରରେ କାହାର ୦.୦୦୧% ଅବହେଳା ହୁଏ, ତାହେଲେ ଏହାର ପୁଙ୍ଖାନୁପୁଙ୍ଖ ସମାଧାନ ହେବା ଦରକାର।

ମାମଲାର ଶୁଣାଣି କରୁଥିବା ଦୁଇ ଜଣିଆ ଖଣ୍ଡପୀଠରେ ସାମିଲ ଜଷ୍ଟିସ ଏସ ଭି ଭଟ୍ଟି କହିଛନ୍ତି, ଏସବୁ ମାମଲାକୁ ପ୍ରତିକୂଳ ମାମଲା ଭାବେ ଗ୍ରହଣ କରାଯିବା ଉଚିତ ନୁହେଁ ।

ଜଷ୍ଟିସ ବିକ୍ରମ ନାଥଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠରେ କେନ୍ଦ୍ର ଓ ଏନଟିଏ ପକ୍ଷରୁ ଆଇନଜୀବୀ କେ. ଅଗ୍ରୱାଲ କହିଛନ୍ତି ଯେ ସରକାର ଏହାକୁ *(ପୃଷ୍ଠା ୭ରେ)*

ଡ୍ରେନରେ ଭାସି ଯାଇଥିବା ନାବାଳକ ମୃତ

ଭୁବନେଶ୍ୱର, ୧୮।୬
ନ୍ୟୁଜ୍ ବ୍ୟୁରୋ

ମଙ୍ଗଳବାର ରାଜଧାନୀ ଭୁବନେଶ୍ୱରରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ଅପରାହ୍ନରେ ହଠାତ୍ ପ୍ରବଳ ବର୍ଷା ହେବା ଫଳରେ ରାସ୍ତାଘାଟରେ ବର୍ଷା ପାଣିର ସ୍ରୋତ ବହିଥିଲା। ଏହି ସମୟରେ ୟୁନିଟ୍-୩ ମସଜିଦ୍ କଲୋନୀ ପାଖରେ ଥିବା ଏକ ମୁକୁଳା ଡ୍ରେନ୍‌ରେ ଜଣେ ୮ ବର୍ଷର ନାବାଳକ ପଡିଯାଇଥିଲା। ବର୍ଷା ପାଣିରେ ଭାସିଯାଉଥିବା ଏକ ବେଲୁନ୍ ଆଣିବା ପାଇଁ ଯାଉଥିବା ବେଳେ ନାବାଳକ ଜଣକ ଡ୍ରେନ୍‌ରେ ପଡିଯାଇ ପାଣି ସ୍ରୋତରେ ଭାସି ଯାଇଥିଲା। ଦୀର୍ଘ ସମୟ ଧରି ଖୋଜାଖୋଜି ପରେ ଲକ୍ଷ୍ମୀସାଗର ମେଳଣ ପଡିଆ ଦେଇ ଯାଇଥିବା ମୁଖ୍ୟ ଡ୍ରେନ୍‌ରୁ ନାବାଳକକୁ ରେସ୍କ୍ୟୁ ଟିମ୍ ଉଦ୍ଧାର କରିଥିଲେ। ଏହା ପରେ ସେଠାରୁ ତାକୁ କ୍ୟାପିଟାଲ ହସ୍‌ପିଟାଲକୁ ନିଆଯାଇଥିଲା। ହେଲେ ସେଠାରେ

ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଡାକ୍ତରଙ୍କ ଦ୍ୱାରା ନାବାଳକର ମୃତ୍ୟୁ ଘୋଷଣା ପରେ ପରିବାର, ଆତ୍ମୀୟ ସ୍ୱଜନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି। ଏଠାରେ ସୂଚନାଯୋଗ୍ୟ ରାଜଧାନୀର ଅଧିକାଂଶ ଡ୍ରେନ୍ ମୁକୁଳା ପଡିଥିବାରୁ ଏଗୁଡିକୁ ତୁରନ୍ତ ବନ୍ଦ କରିବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ମୁଖ୍ୟମନ୍ତ୍ରୀଙ୍କ ଦୁଃଖ ପ୍ରକାଶ ଓ ୪ ଲକ୍ଷ ଟଙ୍କା ସହାୟତା ଘୋଷଣା

ଭୁବନେଶ୍ୱର, ୧୮।୬
ନ୍ୟୁଜ୍ ବ୍ୟୁରୋ

ମଙ୍ଗଳବାର ଭୁବନେଶ୍ୱରର ୟୁନିଟ୍-୩ ଅଞ୍ଚଳର ମସ୍‌ଜିଦ କଲୋନୀରେ ମୁକୁଳା ଡ୍ରେନ୍‌ରେ ପଡି ଆବୁ ବକର ସାହା ନାମକ ଏକ ବାଳକର ମୃତ୍ୟୁ ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ଶୋକସନ୍ତପ୍ତ ପରିବାରବର୍ଗକୁ ଗଭୀର ସମବେଦନା ଜଣାଇବା ସହିତ ମୃତ ବାଳକଙ୍କ ନିକଟତମ ଆତ୍ମୀୟଙ୍କ ନିମନ୍ତେ ଚାରି ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି । ଏହା ସିଏମ୍ ରିଲିଫ୍ ଫଣ୍ଡରୁ ପ୍ରଦାନ କରାଯିବ।

ବର୍ଷାରେ ଭିଜିଲା ରାଜଧାନୀ

ଭୁବନେଶ୍ୱର, ୧୮।୬
ନ୍ୟୁଜ୍ ବ୍ୟୁରୋ

ରାଜଧାନୀବାସୀଙ୍କୁ ଅସମ୍ଭାଳ ଗରମ ଓ ଗୁଳୁଗୁଳିରୁ ଆଶ୍ୱସ୍ତି ମିଳିଛି । ମଙ୍ଗଳବାର ଅପରାହ୍ନରେ କାଳବୈଶାଖୀ ବର୍ଷା ଯୋଗୁଁ ଭୁବନେଶ୍ୱରବାସୀଙ୍କୁ ଗରମ ଗୁଳୁଗୁଳିରୁ ତ୍ରାହି ଦେଇଛି। ପବନ ବର୍ଷା ଯୋଗୁ ରାଜଧାନୀର କେତେକ ସ୍ଥାନରେ ରାସ୍ତାରେ ଗଛ ଉପୁଡ଼ି ପଡ଼ିଛି। ବହୁ ତଳିଆ ଅଞ୍ଚଳ ଜଳମଗ୍ନ ହେବା ସହ ଯାତାୟତ ବାଧାପ୍ରାପ୍ତ ହୋଇଛି।

ମଙ୍ଗଳବାର ସକାଳେ ରାଜଧାନୀ ଭୁବନେଶ୍ୱରରେ ଅସମ୍ଭାଳ ଗୁଳୁଗୁଳି ଅନୁଭୂତ ହୋଇଥିଲା। ଲୋକେ ଗୁଳୁଗୁଳି ପ୍ରଭାବରେ ଛଟପଟ ହୋଇଥିଲେ। ତେବେ ଅପରାହ୍ନରେ

ହଠାତ୍ ରାଜଧାନୀ ଆକାଶରେ କଳାହାଣ୍ଡିଆ ମେଘ ଘୋଟି ଆସିଥିଲା । ତା'ପରେ କାଳବୈଶାଖୀ ପ୍ରଭାବରେ ଆକାଶ ମେଘାଚ୍ଛନ୍ନ ହେବା ସାଙ୍ଗକୁ ବଜ୍ରପାତ ଓ ବର୍ଷା ଆରମ୍ଭ ହୋଇଥିଲା। ଧୀରେ ଧୀରେ ବର୍ଷାର ପରିମାଣ ବଢ଼ିଥିଲା। ପ୍ରବଳ ବର୍ଷା ଯୋଗୁ ଗୁଳୁଗୁଳି କଷ୍ଟରୁ ରାଜଧାନୀବାସୀ *(ପୃଷ୍ଠା ୭ରେ)*

ଭର୍ତ୍ତୃହରି ହୋଇପାରନ୍ତି ୧୮ତମ ଲୋକସଭାର ବାଚସ୍ପତି !

ଭୁବନେଶ୍ୱର, ୧୮।୬
ନ୍ୟୁଜ୍ ବ୍ୟୁରୋ

କଟକ ଲୋକସଭା ଆସନରୁ ବିପୁଳ ଭୋଟ୍‌ରେ ବିଜୟ ଲାଭ କରିଥିବା ଭର୍ତ୍ତୃହରି ମହତାବ ୧୮ତମ ଲୋକସଭାର ବାଚସ୍ପତି ହୋଇପାରନ୍ତି ବୋଲି ଜାତୀୟସ୍ତରରେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଆସନ୍ତା ୨୪ ତାରିଖରୁ ସଂସଦର ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ତେଣୁ ଆସନ୍ତା ୨୬ ତାରିଖରେ ପରବର୍ତ୍ତୀ ବାଚସ୍ପତି କିଏ ହେବେ ତାହା ସ୍ପଷ୍ଟ ହୋଇଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକସଭାର ଏହି ଗୁରୁତ୍ୱପୂର୍ଣ୍ଣ ପଦ ପାଇଁ ଯୋଗ୍ୟତମ ସାଂସଦଙ୍କ ନାମ ଉପସ୍ଥାପନ

କରିପାରନ୍ତି। ତେବେ ଏହି ସଂକଳ୍ପ ଗୃହୀତ ହେବା ପରେ ପ୍ରଧାନମନ୍ତ୍ରୀ ନିଜ ମନ୍ତ୍ରୀ ପରିଷଦକୁ ସଂସଦରେ ପରିଚୟ କରାଇବେ। ବିଧି ବ୍ୟବସ୍ଥା ଅନୁସାରେ ଭୋଟ ମାଧ୍ୟମରେ ବାଚସ୍ପତି ନିର୍ବେଚିତ ହେବାକଥା କିନ୍ତୁ ଭାରତରେ କେବେ ବି ସେଭଳି ପରିସ୍ଥିତି ସୃଷ୍ଟି ହୋଇନାହିଁ। ଶାସକ ଦଳ ଯାହାଙ୍କ ନାମ ସର୍ବସମ୍ମତିକ୍ରମେ ବାଚସ୍ପତି ପଦ ପାଇଁ ଉପସ୍ଥାପନ କରନ୍ତି ତାହାକୁ ଅର୍ଥାତ୍ ଉକ୍ତ ନାମକୁ ପ୍ରାୟତଃ ବିରୋଧୀ ଦଳମାନେ ଗ୍ରହଣ କରିନେଇଥାଆନ୍ତି।

ତେବେ ଲୋକସଭାର ବାଚସ୍ପତି ପଦ ପାଇଁ ଏନ୍‌ଡିଏର ସହଯୋଗୀ ତେଲୁଗୁ ଦେଶମ୍ ପାର୍ଟି (ଟିଡ଼ିପି)ର ନେତା ଚନ୍ଦ୍ରବାବୁ ନାଇଡୁ ଦୀର୍ଘ ଦିନରୁ ବିଜେପି ପାଖରେ ଦାବି ଉଠାଇ ଆସୁଛି। ମାତ୍ର ବିଜେପି ଏବଂ ଏହାର ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଗୁରୁତ୍ୱପୂର୍ଣ୍ଣ ପଦବୀକୁ ନିଜ ପାଖରେ ରଖିବାକୁ ଚାହାନ୍ତି। ତେବେ ସେ ଯାହା ହେଉନା କାହିଁକି ବାଚସ୍ପତି ପଦ ପାଇଁ ନାମ ଚୟନ ୨୬ ତାରିଖରେ ହିଁ *(ପୃଷ୍ଠା ୭ରେ)*

ବାଲେଶ୍ୱର ସହରରେ ଅନିର୍ଦ୍ଦିଷ୍ଟ କାଳ ପାଇଁ କର୍ଫ୍ୟୁ, ଇଣ୍ଟରନେଟ୍ ସେବା ବନ୍ଦ

ଭୁବନେଶ୍ୱର, ୧୮।୬
ନ୍ୟୁଜ୍ ବ୍ୟୁରୋ

ବାଲେଶ୍ୱରର ସୁନହଟ ଅଞ୍ଚଳରେ ସୋମବାର ସଂଘର୍ଷ ଘଟିବା ପରେ ସ୍ଥିତି ନିୟନ୍ତ୍ରଣ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ବାଲେଶ୍ୱର ପୌରାଞ୍ଚଳରେ ଅନିର୍ଦ୍ଦିଷ୍ଟ କାଳ ପାଇଁ କର୍ଫ୍ୟୁ ଲଗାଯାଇଛି । ବାଲେଶ୍ୱରର ଏସପି ସାଗରିକା ନାଥ ଏହି ସୂଚନା ଦେଇଛନ୍ତି ।

ସେ କହିଛନ୍ତି ଯେ କର୍ଫ୍ୟୁ କାରଣରୁ ମଙ୍ଗଳବାର ବାଲେଶ୍ୱରରେ ଦୋକାନ ବଜାର ଓ ସ୍କୁଲ କଲେଜ ବନ୍ଦ ରହିଛି। ବାଲେଶ୍ୱରରେ ବସ୍ ଚଳାଚଳ ମଧ୍ୟ *(ପୃଷ୍ଠା ୭ରେ)*

ଏକାଳ ପଖାଳ

ଯାହା ଯେତେ ହେଲେ ଗରମ ଯାଉନି
ବୋହିଯାଏ ଦେହୁଁ ଝାଳ
ମୌସୁମୀ ଆସିବ ଆସିବ ବୋଲିକି
ହେଉନାହିଁ ତାକୁ ବେଳ
ଲାଗେ ପୁରିଯିବ କାଳ
ତା ସହ ପୁଣି ଲାଇନି ଯାଉଛି
ନାହିଁ କିଛି ତାଳମେଳ।

ବିଧାନସଭାରେ ରୋଚକ ଦୃଶ୍ୟ : ସମସ୍ତେ ଠିଆ ହୋଇ ହାତଯୋଡି ନବୀନଙ୍କୁ ଜଣାଇଲେ ସମ୍ମାନ

ଭୁବନେଶ୍ୱର, ୧୮।୬
ନ୍ୟୁଜ୍ ବ୍ୟୁରୋ

ଗଣତନ୍ତ୍ରର ପବିତ୍ର ମନ୍ଦିର କୁହାଯାଉଥିବା ଓଡ଼ିଶା ବିଧାନସଭାରେ ମଙ୍ଗଳବାର ଦେଖିବାକୁ ମିଳିଥିଲା ଏକ ଅତ୍ୟନ୍ତ ଭାବାବେଗପୂର୍ଣ୍ଣ-ରୋଚକ ଦୃଶ୍ୟ। ଯାହାକୁ ଦେଖି ଗୃହରେ ଉପସ୍ଥିତ ସମସ୍ତେ ଅଭିଭୂତ ହୋଇଯାଇଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସଭାପତି ହିଞ୍ଜିଳି ବିଧାୟକ ନବୀନ ପଟ୍ଟନାୟକ ମଙ୍ଗଳବାର ବିଧାନସଭାକୁ ଆସିବା, ଶପଥ ନେବା, ନିଜ ଆସନକୁ ଯିବା ବେଳେ ଗୃହରେ ଏପରି ରୋଚକ ଦୃଶ୍ୟ ଦେଖିବାକୁ ମିଳିଥିଲା। ଶ୍ରୀ ପଟ୍ଟନାୟକ ବିଧାନସଭାରେ ପହଞ୍ଚି ଶପଥ ନେବା ପାଇଁ ଗୃହ ମଧ୍ୟରେ ପ୍ରବେଶ କଲାବେଳେ ଉପସ୍ଥିତ ଥିବା ସମସ୍ତେ ଠିଆ ହୋଇ ତାଙ୍କୁ ନମସ

30 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୧୯ ଜୁନ୍ ୨୦୨୪ ବୁଧବାର

ଅବ୍ୟବସ୍ଥାର ଅନ୍ୟନାମ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଡାକ୍ତରଖାନା

ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗତ ନବକିଶୋର ଦାସଙ୍କ ନିର୍ବାଚନ ମଣ୍ଡଳୀ ଝାରସୁଗୁଡ଼ାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ୭ ତାଲା ପ୍ରାସାଦ କୋଠା ଭିତରେ ରହିଛି ଅନେକ ସମସ୍ୟା। ହନ୍ତସନ୍ତ ହେଉଛନ୍ତି ରୋଗୀ । କେବଳ ରୋଗୀ ନୁହନ୍ତି, ସେମାନଙ୍କ ସମ୍ପର୍କୀୟ ଓ କର୍ମଚାରୀ ମଧ୍ୟ ହଇରାଣ ହେଉଛନ୍ତି । କେତେବେଳେ ପାଣି ପାଇଁ ତ କେତେବେଳେ ଖାଦ୍ୟ ପାଇଁ । ସିଟିସ୍କାନ୍ ଓ ଅଲଟ୍ରାସାଉଣ୍ଡ ମେସିନ୍ କାମ କରୁନାହିଁ । ପୁରୁଷ ଶୌଚାଳୟ ମହିଳା ବ୍ୟବହାର କରୁଛନ୍ତି । ଅଧିକାଂଶ ସମୟରେ ଲିଫ୍ଟ ଅଚଳ । ଚିକିତ୍ସାଳୟର କର୍ମଚାରୀଙ୍କୁ ନିୟମିତ ଦରମା ମିଳୁନାହିଁ । ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ସ୍ୱାସ୍ଥ୍ୟସେବା ଅବ୍ୟବସ୍ଥା ଦେଖାଦେଇଛି । ଝାରସୁଗୁଡ଼ା ସ୍ୱତନ୍ତ୍ର ଜିଲ୍ଲା ସେବା ପରେ ଜିଲ୍ଲାବାସୀ କୌଣସି ଗୁରୁତର ରୋଗୀଙ୍କ ଚିକିତ୍ସା ପାଇଁ ହେଲେ ବୁର୍ଲା ମେଡ଼ିକାଲ ଉପରେ ନିର୍ଭର କରୁଥିଲେ । ମେଡ଼ିକାଲର ଆବଶ୍ୟକତା ପରିଲକ୍ଷିତ କରି ୪୨ କୋଟି ୨୩ ଲକ୍ଷ ଟଙ୍କାରେ ଏକ ୭ ମହଲା ବିଶିଷ୍ଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କରାଗଲା । ୩୦୦ ବେଡ଼ ବିଶିଷ୍ଟ ଏହି ଚିକିତ୍ସାଳୟକୁ ୨୦୧୮ ଜାନୁୟାରୀ ୪ ତାରିଖରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଉଦ୍‌ଘାଟନ କରିଥିଲେ । ୨୦୧୯ ନିର୍ବାଚନ ପରେ ଝାରସୁଗୁଡ଼ାରୁ ନିର୍ବାଚିତ ହୋଇ ସ୍ୱର୍ଗତ ନବ କିଶୋର ଦାସ ସ୍ୱାସ୍ଥ୍ୟମନ୍ତ୍ରୀ ହୋଇଥିଲେ । ଏହାପରେ ନିର୍ମଳ ଯୋଜନା ମାଧ୍ୟମରେ ଚିକିତ୍ସାଳୟରେ ଠିକା କର୍ମଚାରୀଙ୍କୁ ନିୟୋଜିତ କରାଗଲା । ସେମାନେ ମେଡ଼ିକାଲର ସମସ୍ତ କାର୍ଯ୍ୟ କଲେ । ହେଲେ ନିୟମିତ ଦରମା ପାଇଲେନାହିଁ । ଏ ନେଇ ଝାରସୁଗୁଡ଼ା ଚତୁର୍ଥ କର୍ମଚାରୀ ସଂଘର ସଭାପତି ଦେବାନନ୍ଦ ବାରିକ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଗୁହାରି କଲେ । ଯେଉଁ ସଂସ୍ଥାମାନେ ଚିକିତ୍ସାଳୟରେ ଠିକା ନେଇଛନ୍ତି, ସେମାନେ କର୍ମଚାରୀମାନଙ୍କୁ ନିୟମିତ ଦରମା ଦେବାକୁ ଦାବି କରିଥିଲେ । ହେଲେ କୌଣସି ପଦକ୍ଷେପ ନିଆଗଲାନାହିଁ । ଯାହାଫଳରେ ସଂଘ ପକ୍ଷରୁ ବାରମ୍ବାର ଦାବି ସତ୍ତ୍ୱେ ସେ

ସମସ୍ୟା ଆଜି ପର୍ଯ୍ୟନ୍ତ ଲାଗି ରହିଛି । ସେହିପରି ଚିକିତ୍ସାଳୟରେ ପାଣିର ସମସ୍ୟା ଅଧିକାଂଶ ସମୟ ରହୁଥିବା ବେଳେ ଟ୍ୟାଙ୍କରରେ ପାଣି ଆସି ରୋଗୀମାନଙ୍କୁ ଦିଆଯାଇଥାଏ । ପାଣି ନଥିବା ସମୟରେ ରୋଗୀ ଓ ରୋଗୀ ସମ୍ପର୍କୀୟମାନେ ଶୌଚାଳୟ ବ୍ୟବହାର କରିବାକୁ ହିନସ୍ତା ହେଉଛନ୍ତି । ଏବେ ମହିଳା ଶୌଚାଳୟ ବନ୍ଦ ହୋଇପଡ଼ିଥିବା ବେଳେ ପୁରୁଷ ଶୌଚାଳୟକୁ ମହିଳା ବ୍ୟବହାର କରୁଛନ୍ତି । ଗର୍ଭବତୀ ମହିଳା କିମ୍ବା ହାତ ଗୋଡ଼ ଭାଙ୍ଗିଯାଇଥିବା ରୋଗୀ ଯେତେବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆସନ୍ତି ଲିଫ୍ଟ ଅଚଳ ହୋଇ ପଡ଼ିରହିଥିବାରୁ ଉପର ମହଲା ଯିବାକୁ ହଇରାଣ ହୋଇଥାନ୍ତି । ଲିଫ୍ଟ ବି ଅଧିକାଂଶ ସମୟରେ ଖରାପ ହୋଇପଡୁଛି । ବିଭିନ୍ନ ସ୍ୱୟଂସହାୟକ ମହିଳାମାନଙ୍କୁ ଚିକିତ୍ସାଳୟର କ୍ୟାଣ୍ଟିନ୍ ଦାୟିତ୍ୱ ଦିଆଯାଇଥିବା ବେଳେ ଅଧିକାଂଶ ସମୟରେ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ରୋଗୀମାନେ ଅଭିଯୋଗ କରିଛନ୍ତି । ଚିକିତ୍ସାଳୟରେ ମୌଳିକ ସୁବିଧା ପାଇବାରେ ଅସୁବିଧା ଭୋଗୁଥିବା ବେଳେ ୩୦୦ ଶଯ୍ୟା ପରିବର୍ତ୍ତେ ମାତ୍ର ୧୧୬ଟି ଶଯ୍ୟା ପଡ଼ିଛି । ଅଧିକ ରୋଗୀ ଆସିଲେ ଶଯ୍ୟା ନପାଇ ଚଟାଣରେ ପଡ଼ି ରହୁଛନ୍ତି । ଗର୍ଭବତୀଙ୍କ ପାଇଁ ଅତି ଜରୁରୀ ଥିବା ଅଲଟ୍ରାସାଉଣ୍ଡ ମେସିନ୍ ଅଚଳ ହୋଇପଡ଼ିବାରୁ ସେମାନେ ଘରୋଇ ଅଲଟ୍ରାସାଉଣ୍ଡ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରିପୋର୍ଟ ଦେଖାଉଛନ୍ତି । ସିଟିସ୍କାନ୍ ମେସିନ୍ ଅଚଳ ଥିବାରୁ ଗୁରୁତର ରୋଗୀଙ୍କୁ ଘରୋଇ ଚିକିତ୍ସାଳୟ ନହେଲେ ବୁର୍ଲା ଚିକିତ୍ସାଳୟକୁ ପଠାଯାଉଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ସଂରକ୍ଷଣ ଗୃହ ନଥିବାରୁ ମଙ୍ଗଳାବଜାର ଗୃହରେ ରଖାଯାଉଛି । ସେଠୁ ପୁଣି ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଉଛି । ଶବ ସଂରକ୍ଷଣ ଗୃହରେ ଆଲୁଅ, ପାଣି ଓ ଫ୍ରିଜ୍ର ସମସ୍ୟା ଅଛି । ଝାରସୁଗୁଡ଼ାର ନୂଆ ବିଧାୟକ ଟଙ୍କଧର ତ୍ରିପାଠୀ ନିକଟରେ ଜିଲ୍ଲା ମୁଖ୍ୟ ଡାକ୍ତରଖାନା ପରିଦର୍ଶନ ପୂର୍ବକ ବିଭିନ୍ନ ସମସ୍ୟା ଓ ଅବ୍ୟବସ୍ଥା ନେଇ ଅସନ୍ତୋଷ ପ୍ରକାଶ କରିଥିଲେ । ସେ ଡାକ୍ତରଖାନା ପରିସର, ଆଶୁ ଚିକିତ୍ସା ବିଭାଗ, ଶିଶୁ ରୋଗ ବିଭାଗ, ସ୍ତ୍ରୀ ରୋଗ ଓ ପ୍ରସୂତି ବିଭାଗ ପରିଦର୍ଶନ କରିବା ସହ ରାତିରେ କର୍ତ୍ତବ୍ୟରତ ଡାକ୍ତର, ନର୍ସ, ଫାର୍ମାସିଷ୍ଟ ଓ ସୁରକ୍ଷା କର୍ମୀମାନେ ଠିକ୍ ଭାବରେ ଦାୟିତ୍ୱ ନିର୍ବାହ କରୁଛନ୍ତି କି ନାହିଁ ଅନୁଧ୍ୟାନ କରିଥିଲେ । ଚିକିତ୍ସାଳୟରେ ସ୍ୱଚ୍ଛତା ନେଇ ସେ ପ୍ରଶ୍ନ ଉଠାଇବା ସହିତ ତୁରନ୍ତ ପ୍ରତିକାର ପାଇଁ ସମ୍ପୃକ୍ତ ଠିକା ସଂସ୍ଥା ଅଧିକାରୀଙ୍କୁ ତାଗିଦ କରିଥିଲେ । ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରି ରୋଗୀଙ୍କ ସୁବିଧା ପାଇଁ କାମ କରାଯିବ ବୋଲି କହିଥିଲେ । ଡାକ୍ତରଖାନା ମ୍ୟାନେଜରଙ୍କୁ ସ୍ଥାୟୀ ପ୍ରତିପାର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଜୟକୃଷ୍ଣ ନାଏକ କହିଛନ୍ତି ଯେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଲାଗି ରହିଥିବା ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନିଆଯିବ । ଶବ ସଂରକ୍ଷଣ ଗୃହ ଏଠାରେ ହେବା ପରେ ଏହାକୁ ନେଇ ଲାଗି ରହିଥିବା ସମସ୍ୟା ମଧ୍ୟ ଦୂର ହେବ ବୋଲି ସେ କହିଛନ୍ତି ।

ଲୋକସଭାର ଅସ୍ଥାୟୀ ବାଚସ୍ପତି କେ.ସୁରେଶ

ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ

କଂଗ୍ରେସ ସାଂସଦ କେ. ସୁରେଶ ଲୋକସଭାର ଅସ୍ଥାୟୀ ବାଚସ୍ପତି ନିଯୁକ୍ତ ହେବେ ବୋଲି ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି । ୬୮ ବର୍ଷୀୟ ସୁରେଶ ଗତ ଲୋକସଭା ନିର୍ବାଚନରେ କେରଳର ମାଲେଭିକାରା ଆସନରୁ ବିଜୟୀ ହୋଇଛନ୍ତି । ଜୁନ୍ ୨୪ରୁ ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ଆରମ୍ଭ ହେବାକୁ ଯାଉଛି । ଏହା ପୂର୍ବରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୁରେଙ୍କୁ ଅସ୍ଥାୟୀ ବାଚସ୍ପତି ଭାବେ ଶପଥ ପାଠ କରାଇବାର କାର୍ଯ୍ୟକ୍ରମ ରହିଛି । ଜୁନ୍ ୨୪ରୁ ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ଆରମ୍ଭ ହେବାକୁଯାଉଛି । ଏହାପୂର୍ବରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୁରେଶଙ୍କୁ ଅସ୍ଥାୟୀ ବାଚସ୍ପତି ଭାବେ ଶପଥ ପାଠ କରାଇବାର କାର୍ଯ୍ୟକ୍ରମ ରହିଛି । ଜୁନ୍ ୨୪ରେ ସୁରେଶ ଲୋକସଭାର ନବନିର୍ବାଚିତ ସାଂସଦଙ୍କୁ ଶପତ ପାଠ କରାଇବେ । ପରବର୍ତ୍ତୀ ସମୟରେ ସ୍ଥାୟୀ ବାଚସ୍ପତି ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି ।

ଆମେରିକାରେ ୯ କୋଟି କୁକୁଡ଼ାଙ୍କୁ ବାର୍ଡ ଫ୍ଲୁ

ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ

ବିଶ୍ୱବ୍ୟାପୀ ଦ୍ରୁତ ଗତିରେ ବାର୍ଡ ଫ୍ଲୁ ମାମଲା ସାମ୍ନାକୁ ଆସୁଛି । ଆମେରିକାର ୪୮ ପ୍ରଦେଶରେ ୯ କୋଟିରୁ ଅଧିକ କୁକୁଡ଼ାଙ୍କୁ ଏହି ରୋଗ ହୋଇସାରିଲାଣି। ବର୍ତ୍ତମାନ ଏହା ଗାଇମାନଙ୍କ ପର୍ଯ୍ୟନ୍ତ ପହଞ୍ଚିଲାଣି। ଭାରତରେ ବି ଏହାର ମାମଲା ସାମ୍ନାକୁ ଆସୁଛି । ଏ ସବୁ ଦୃଷ୍ଟିରୁ ବାର୍ଡ ଫ୍ଲୁ ଯୋଗୁ ପରବର୍ତ୍ତୀ ମହାମାରୀ ଆସିପାରେ ବୋଲି ଆମେରିକାର ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ୍ ଆଣ୍ଡ୍ ପ୍ରିଭେନ୍ସନ୍ (ସିଡିସି)ର ପୂର୍ବତନ ନିର୍ଦ୍ଦେଶକ ରବର୍ଟ ରେଡ୍‌ଫିଲ୍ଡ ଦାବି କରିଛନ୍ତି। ବ୍ରିଟିଶ ଗଣମାଧ୍ୟମ ମୁତାବକ, ଏକ ଟିଭି ଚ୍ୟାନେଲକୁ ଦେଇଥିବା ସାକ୍ଷାତକାରରେ ରେଡ୍‌ଫିଲ୍ଡ କହିଛନ୍ତି, କରୋନା ତୁଳନାରେ ବାର୍ଡ ଫ୍ଲୁରେ ମୃତ୍ୟୁହାର ଅଧିକ ରହିଛି। କରୋନାରେ ମୃତ୍ୟୁହାର ୦.୬% ଥିଲା। କିନ୍ତୁ ବାର୍ଡ ଫ୍ଲୁ କ୍ଷେତ୍ରରେ ଏହା ୨୫ରୁ ୫୦% । ଡାକ୍ତରଙ୍କ ମୁତାବକ ବାର୍ଡ ଫ୍ଲୁର ଏଚ୍‌୫ଏନ୍ ୧ ଭୂତାଣୁ ମଣିଷଙ୍କ ମଧ୍ୟରେ ବ୍ୟାପୁଛି। ଏଚ୍‌୫ଏନ୍‌୧ ଦ୍ୱାରା ୧୦ ଜଣଙ୍କ ମଧ୍ୟରୁ ୬ ଜଣଙ୍କ ମୃତ୍ୟୁ ହେଉଛି। କିନ୍ତୁ କେବେ ସୁଦ୍ଧା ବାର୍ଡ ମହାମାରୀର ରୂପ ନେବ, ତାହା ବାବଦରେ ରବର୍ଟ ରେଡ୍‌ଫିଲ୍ଡ କିଛି କହିନାହାନ୍ତି । ବାର୍ଡ ଫ୍ଲୁ ଇନ୍‌ଫ୍ଲୁଏଞ୍ଜା ଭୂତାଣୁ ଠାରୁ ହେଉଥିବା ଏକ ସଂକ୍ରମଣ। ଏହା ସାଧାରଣତଃ ପକ୍ଷୀ ଓ ପଶୁଙ୍କ ମଧ୍ୟରେ ବ୍ୟାପିଥାଏ । ବାର୍ଡ ଫ୍ଲୁର କିଛି ଭାରିଆଣ୍ଟ ଅତ୍ୟନ୍ତ ଘାତକ । ତେବେ ଏଚ୍‌୯ଏନ୍‌୨ ମାମଲାରେ ଅଧିକ ଗମ୍ଭୀର ସମସ୍ୟା ଦେଖିବାକୁ ମିଳିନାହିଁ ।

କେନ୍ଦ୍ରାପଡ଼ାରେ ଶାନ୍ତି ଶୃଙ୍ଖଳାର ସହ ଇ-ଦୁଲ୍-ଜୁହା ପାଳିତ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ସହର ଏବଂ ଆଖପାଖ ଅଞ୍ଚଳରେ ହଜାର ହଜାର ସଂଖ୍ୟକ ମୁସଲମାନ ଭାଇ ଓ ଭଉଣୀମାନେ ଇ-ଦୁଲ୍-ଜୁହା ପର୍ବ ଶାନ୍ତି ଶୃଙ୍ଖଳାର ସହ ପାଳନ କରିଥିବା ଜଣାପଡିଛି । ସୋମବାର ସକାଳେ ବିଭିନ୍ନ ମସଜିଦ୍ ଏବଂ ଇଦ୍‌ଗା ପଡିଆରେ ସମୂହ ନମାଜ ପ୍ରାର୍ଥନା କରାଯାଇଥିଲା । ହାଇସ୍କୁଲ ଛକରେ ଥିବା ଇଦ୍‌ଗା ପଡିଆ ବାଇପାସ୍ ରୋଡରେ ଥିବା ନୂଆ ଇଦ୍‌ଗା, ପୁରୁଣା ଇଦ୍‌ଗା, ଫକିରାବାଦ୍ ମସଜିଦ୍, ରସୁଲାବାଦ୍ ମସଜିଦ୍, ରଣପଡା ମସଜିଦ୍ ପ୍ରଭୃତି ସ୍ଥାନରେ ସକାଳ ୭ଟାରୁ ନମାଜ ପ୍ରାର୍ଥନା ଆରମ୍ଭ ହୋଇ ସାଢେ ୮ଟା ପର୍ଯ୍ୟନ୍ତ ଚାଲିଥିଲା । ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ ପର୍ବକୁ ଶାନ୍ତି ଶୃଙ୍ଖଳାର ସହ ପାଳନ କରାଯିବା ପାଇଁ ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବାଶିଷ ଧଳ, ଏସଡିପିଓ ଦେବେନ୍ଦ୍ର ମଲିକ, ଟାଉନ୍ ଥାନା ଅଧିକାରୀ ଦିଲୀପ ସାହୁ, ସଦର ଥାନା ଅଧିକାରୀ ସରୋଜ ସାହୁଙ୍କ ସହିତ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ବିଭିନ୍ନ ସାହି ବସ୍ତିରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିଥିବା ଜଣାପଡିଛି । ତେବେ କୌଣସି ସ୍ଥାନରେ କିଛି ଅଘଟଣ ଘଟିନଥିବା ସୂଚନା ମିଳିଛି ।

ସମାଜରେ ଶାନ୍ତି ଓ ସହଯୋଗ ରକ୍ଷା କରିବା ଆର୍ଟ ଅଫ୍ ଗିଭିଂର ମୁଖ୍ୟ ଉଦ୍ଦେଶ୍ୟ

ଝାରସୁଗୁଡ଼ା, ନ୍ୟୁଜ୍ ବ୍ୟୁରୋ

ଝାରସୁଗୁଡା କାପୁମାଳ ସ୍ଥିତ ଗଣ୍ଡୋଓ୍ୱାନା ଭବନ ଠାରେ ୧୧ତମ ଆର୍ଟ ଅଫ ଗିଭିଂ ସମାରୋହ ଜିଲ୍ଲା ଛାତ୍ର ସାମୁଖ୍ୟର ସଂଯୋଜକ ଅସୀମ ପଟେଲଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅତିଥି ଭାବେ ଅଧ୍ୟାପକ ତପନ କୁମାର ବାରିକ ଲକ୍ଷ୍ମୀ ନାରାୟଣ ମହାବିଦ୍ୟାଳୟ, ସାମାଜିକ କର୍ମୀ-ଅଜୁ ବାରିକ ଧର୍ମା ଫାଉଣ୍ଡେସନ୍‌ର ସଭାପତି, ରକ୍ଷାକର ଅନୁପମ ଓ ରାଜ୍ୟ ଗୋଣ୍ଡ ମହାସଭାର ସଭାପତି ମହେନ୍ଦ୍ର ନାୟକ ମଞ୍ଚାସୀନ ଥିଲେ । ସର୍ବ ପ୍ରଥମେ କିସ୍‌ର ସଂଯୋଜକ ରତ୍ନାକର ପ୍ରଧାନ ଆର୍ଟ ଅଫ ଗିଭିଂ ଉଦ୍ଦେଶ୍ୟ ଓ ଏହାର ଅଭିପ୍ରାୟ ଉପରେ ବ୍ୟକ୍ତବ୍ୟ ରଖି କହିଥିଲେ- ଆର୍ଟ ଅଫ ଗିଭିଂ ଏକ ଦର୍ଶନ

ଅଟେ । ଏହି ଦର୍ଶନ ଉପରେ ସର୍ବାଗ୍ରେ କିସ୍ ଓ କିଟ୍‌ର ପ୍ରତିଷ୍ଠାତା ଡା.ଅଚ୍ୟୁତ ସାମନ୍ତ ୧୭ ଜୁନ୍ ୨୦୧୩ ଏକ ନୂତନ ବାର୍ତ୍ତା। ସମାଜରେ ଆଣିବା ପାଇଁ ଓ ପରସ୍ପରକୁ ସାହାର୍ଯ୍ୟ, ସହଯୋଗ, ଶାନ୍ତି, ମୈତ୍ରୀ ତଥା ସୌହାର୍ଦ୍ଦ୍ୟ ବାଣ୍ଟିବା ପାଇଁ ଅଭିନବ ପ୍ରୟାସ କରିଥିଲେ । ଆର୍ଟ ଅଫ ଗିଭିଂ ୧୨୦ ଦେଶରେ ପାଳନ କରାଯାଉଛି ଏବଂ ଦୁଇ କୋଟିରୁ ଉର୍ଦ୍ଧ୍ୱ ଜନସାଧାରଣ ଏହି ସମାରୋହରେ ସାମିଲ ହୋଇଛନ୍ତି । ଏହାପରେ ଅତିଥିଗଣ ଆର୍ଟ ଅଫ ଗିଭିଂ ଉପରେ ନିଜର ଅନୁଭୂତି ବ୍ୟକ୍ତ କରିଥିଲେ ଓ ଶ୍ରୀ ସାମନ୍ତଙ୍କ ଅନୁଚିନ୍ତାକୁ ଭୁରି ଭୁରି ପ୍ରଶଂସା କରିଥିଲେ । ଏହାପରେ ଉପସ୍ଥିତ ଛାତ୍ର-ଛାତ୍ରୀ, ଅଭିଭାବକ, ମାତୃଶକ୍ତି ଓ ଜନସାଧାରଣଙ୍କୁ ମିଷ୍ଟାନ ବଣ୍ଟନ ଓ ଛାତ୍ର-ଛାତ୍ରୀଙ୍କୁ ପାଠ୍ୟ ଉପକ୍ରମ ପ୍ରଦାନ କରାଯାଇଥିଲା । ସମାରୋହକୁ ସଫଳ କରିବା ପାଇଁ କିସ୍ ଅଭିଭାବକ ବୃନ୍ଦ, ପୁରାତନ ଛାତ୍ର ତଥା ଛାତ୍ର ସଂସଦର ଦିପକ ମାଝୀ ଏବଂ ଆଦିବାସୀ ସଂଘର ମାଧବ ସିଂ ନାୟକ, ଅଶୋକ ମାଝି, ବିନୋଦବିହାରୀ ବାଗ, ବାସୁଦେବ ଧୁରୁଆ, ଜିତେନ୍ଦ୍ରୀୟ ଧୁରୁଆ, ଧର୍ମେନ୍ଦ୍ର କିସାନ, ସମ୍ବାରୁ ଲାକଡା, ସଚିନ ବରୁଆ ଓ ମୋହନ ପିଙ୍ଗ, ମୁକ୍ତେ କିସାନ ଉପସ୍ଥିତ ଥିଲାବେଳେ କିସ୍ ଅନୁଷ୍ଠାନ ତରଫରୁ ସଞ୍ଜିବ କିଶାନ ଧନ୍ୟବାଦ ଅର୍ପଣ କରିଥିଲେ ।

ମୁଖ୍ୟମନ୍ତ୍ରୀଙ୍କ ପିଏ ଦୁର୍ଘଟଣା ମାମଲାରେ କାର୍ ଚାଳକ ଗିରଫ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱର ଡେଲ୍ ଛକ ନିକଟରେ ଦୁର୍ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ମାଝିଙ୍କ ପିଏ ଚନ୍ଦନ ମହାପାତ୍ର (୩୧)ଙ୍କ ମୃତ୍ୟୁ ମାମଲାରେ ଫେରାର୍ ଥିବା କାର୍ ଚାଳକକୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ । ତାଙ୍କ ନାମ ସନ୍ତୋଷ କୁମାର ସ୍ୱାଇଁ (୩୨)। ଘର ନୂଆପଲ୍ଲୀ ବଡ଼ସାହି । ପୁଲିସ ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ଶ୍ରୀ ମାଝିଙ୍କ ପିଏ ଥିବା ଚନ୍ଦନ ପାତ୍ରପଡ଼ା ଗତ ୧୧ ତାରିଖ ଦିନ ୧୧ଟାରେ ବାଇକ୍ ଯୋଗେ ଅଫିସ ଯାଉଥିଲେ । ଡେଲ୍ ଛକ ନିକଟରେ ସନ୍ତୋଷଙ୍କ କାର୍ ତାଙ୍କୁ ଧକ୍କା ଦେଇ ଅନ୍ୟ ଏକ ବାଇକ୍ ଓ କାର୍‌କୁ ଧକ୍କା ଦେଇଥିଲା । ଫଳରେ ଦୁଇ କାର୍ ମଝିରେ ଚନ୍ଦନ ବାଇକ୍ ସହ ଚାପି ହୋଇଯାଇଥିଲେ । ଘଟଣାସ୍ଥଳରୁ ସନ୍ତୋଷ ଫେରାର ହୋଇଯାଇଥିଲା । ସ୍ଥାନୀୟ ଲୋକେ ଗୁରୁତର ଅବସ୍ଥାରେ ଚନ୍ଦନ ଓ ଆହତ ଅନ୍ୟଜଣେ ବାଇକ୍ ଚାଳକକୁ ଉଦ୍ଧାର କରି କ୍ୟାପିଟାଲ୍ ହସ୍ପିଟାଲ୍ ପଠାଇଥିଲେ । ହସ୍ପିଟାଲ୍‌ରେ ଡାକ୍ତର ଚନ୍ଦନଙ୍କୁ ମୃତ ଘୋଷଣା କରିଥିଲେ । ଚନ୍ଦନଙ୍କ ମୃତ୍ୟୁ ଖବରପାଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝି କ୍ୟାପିଟାଲ ହସ୍ପିଟାଲରେ ପହଞ୍ଚିଥିଲେ । ଚନ୍ଦନଙ୍କ ଶବ ସତ୍କାର କରି ସତ୍ୟନଗର ଶ୍ମଶାନରେ ଶବ ବ୍ୟବଚ୍ଛେଦ କରାଇବାର ବନ୍ଦୋବସ୍ତ କରିଥିଲେ । ଚନ୍ଦନଙ୍କ ବଡ଼ଭାଇ ରଞ୍ଜନ ମହାପାତ୍ରଙ୍କ ଅଭିଯୋଗ ଆଧାରରେ ନୂଆପଲ୍ଲୀ ଥାନା ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା । ଦୁର୍ଘଟଣା ଘଟାଇ ଫେରାର୍ ଥିବା କାର୍ ଚାଳକ ସନ୍ତୋଷଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି ।

ଆଦିବାସୀ ସଂଘର ନୂଆ ଅଭିଯାନ:ଆଦିବାସୀ ଅଞ୍ଚଳରୁ ହାଣ୍ଡିଆ ହଟାଯିବ

କାମାକ୍ଷାନଗର, ନ୍ୟୁଜ୍ ବ୍ୟୁରୋ

ଆଦିବାସୀ ସଂଘ ସେଙ୍ଗେଲ ପକ୍ଷରୁ ହାଣ୍ଡିଆ ହଟାଅ ସମାଜ ବଞ୍ଚାଅ ଅଭିଯାନ ଆରମ୍ଭ ହୋଇଛି । ମୁଖ୍ୟତଃ ଦେଶର ସର୍ବୋଚ୍ଚ ନାଗରିକ ରାଷ୍ଟ୍ରପତି ଓ ରାଜ୍ୟର ମୁଖ୍ୟମନ୍ତ୍ରୀ ଆଦିବାସୀ ସମ୍ପ୍ରଦାୟର ହୋଇଥିବାରୁ ସଂଘ ପକ୍ଷରୁ ସମାଜର ଉନ୍ନତି ସକାଶେ ଚିନ୍ତା କରାଯାଇ ଉପରୋକ୍ତ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଏହି ପରିପ୍ରେକ୍ଷୀରେ ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରର ଉପଖଣ୍ଡର ତାରିଣୀପଶି ଗ୍ରାମର ଲେମ୍ବ ହେମ୍ରମ୍‌ଙ୍କ କନିଷ୍ଠ ପୁତ୍ର ତାରାଶ ରାଜଙ୍କର ଶନିବାର ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକର ଦେଉଳି ଟାଙ୍ଗର ଗ୍ରାମର ମାନସିଂ ଟୁଡୁଙ୍କର କନ୍ୟା ସୁଭଦ୍ରାଙ୍କ ସହିତ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି । ଏହି ବିବାହ ସମୟରେ ଆଦିବାସୀ ସେଙ୍ଗେଲ ପକ୍ଷରୁ ହାଣ୍ଡିଆ ହଟାଅ ସମାଜ ବଞ୍ଚାଅ ଆହ୍ୱାନ କ୍ରମେ ସମାଜକୁ

ସୁଧାର ଆଣିବା ସକାଶେ ସମ୍ପୂର୍ଣ୍ଣ ଭାବେ ହାଣ୍ଡିଆ ଓ ମଦ ଭଳି ନିଶାଦ୍ରବ୍ୟକୁ ବ୍ୟବହାର କରାନଯାଇ କମ୍ ଖର୍ଚ୍ଚରେ ସାନ୍ତାଳ ସମାଜର ରୀତିନୀତି ଅନୁଯାୟୀ ଶାନ୍ତିପୂର୍ଣ୍ଣ ଭାବେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି । ଗ୍ରାମର ଗ୍ରାମ୍ୟମୁଖ୍ୟ (ମାଝି ବାବା) ରବିନାରାୟଣ ସୋରେନଙ୍କ ତତ୍ତ୍ୱାବଧାନରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୯ ଜୁନ୍ ୨୦୨୪ ବୁଧବାର

ସୁରକ୍ଷା ବାହିନୀଙ୍କ ଗୁଳିରେ ୪ ନକ୍ସଲ ନିହତ

ବଲାଣି, ନ୍ୟୁଜ୍ ବ୍ୟୁରୋ

କେନ୍ଦୁଝର ଜିଲ୍ଲା ବଲାଣି ଥାନା କ୍ଷେତ୍ର ସୀମାରେ ଥିବା ଝାଡ଼ଖଣ୍ଡ ରାଜ୍ୟର ପଶ୍ଚିମ ସିଂହଭୂମ ଗୁଆ ଥାନା କ୍ଷେତ୍ରର ଲିପୁଙ୍ଗା ଠାରେ ଭୋର୍ ସମୟରେ ସୁରକ୍ଷା ବାହିନୀ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିବା ଜଣାପଡ଼ିଛି । ଏହି ଗୁଳି ବିନିମୟରେ ଜଣେ ଜୋନାଲ କମାଣ୍ଡର ମାଓବାଦୀ ସମେତ ୪ ଜଣଙ୍କ ମୃତ୍ୟୁ ଘଟିଛି । ସେହିପରି ସୁରକ୍ଷା ବାହିନୀ ଜରେ ମହିଳାଙ୍କ ସମେତ ମୋଟ ୨ ଜର ମାଓବାଦୀଙ୍କୁ ଗିରଫ କରିଥିବା ଜଣାପଡ଼ିଛି । ପଶ୍ଚିମ ସିଂହଭୂମର ପୁଲିସ ଅକ୍ଷୀକ୍ଷକ ଆଶୁତୋଷ ଶେଖର ଘଟଣା ସମ୍ବନ୍ଧରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ଉକ୍ତ ଗୁଳିବିନିମୟରେ ମାଓବାଦୀଙ୍କର ଯଥେଷ୍ଟ ମାତ୍ରାରେ କ୍ଷତି ହେବା ସହ ଅନେକ ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ କରାଯାଇଛି । ଘଞ୍ଚ ଜଙ୍ଗଲ ମଧ୍ୟରେ କେତେକ ମାଓବାଦୀ ଛପିରହିଥିବା ନେଇ ପୁଲିସ ନିକଟରେ ଖବର ରହିଥିବା ବେଳେ ପୁଲିସ ସର୍ଚ୍ଚ ଅପରେସନ କରୁଥିବା ସମୟରେ

ଗୁଆ ଥାନା ଲିପୁଙ୍ଗା ଜଙ୍ଗଲରେ ମାଓବାଦୀମାନେ ଅତର୍କିତ ଆକ୍ରମଣ କରିଥିଲେ । ଏହାର ଜବାବ ଦେବାକୁ ଯାଇ ସୁରକ୍ଷା ବାହିନୀକୁ ଗୁଳି ଚଳାଇବାକୁ ପଡ଼ିଥିଲା । ଏହି ଗୁଳି ବିନିମୟରେ ଘଟଣାସ୍ଥଳରେ ଜୋନାଲ କମାଣ୍ଡର ସିଙ୍ଗରାଇ ଓରଫ ମନୋଜ, ସବ୍‌ଜୋନାଲ୍ କମାଣ୍ଡର କାଣ୍ଡେ ହନହଗା ଓରଫ ଦିରଶୁମ, ଏରିଆ କମାଣ୍ଡର ସୁରୟା ଓରଫ ମୁଣ୍ଡା ଦେବଗମ ଓ ମହିଳା ମାଓବାଦୀ କ୍ୟାଡ଼ରର ଜୁଙ୍ଗା ପୂର୍ତ୍ତି ଓରଫ ମାରଲା ମୃତ୍ୟୁବରଣ କରିଥିଲେ । ମାରଲାଙ୍କ ବ୍ୟତୀତ ମୃତ୍ୟୁବରଣ କରିଥିବା ସମସ୍ତ ନକ୍ସଲଙ୍କ ଉପରେ ପୁଲିସ ପକ୍ଷରୁ ପୁରସ୍କାର ଘୋଷଣା କରାଯାଥିଲା । ବିଶେଷକରି ମନୋଜଙ୍କୁ ଗିରଫ କରାଇଦେଲେ ୧୦ ଲକ୍ଷ ଟଙ୍କାର ପୁରସ୍କାର ମିଳିବ ବୋଲି ପୁଲିସ ପକ୍ଷରୁ ଘୋଷଣା କରାଯାଇଥିଲା । ସେହିପରି ଗିରଫ ହୋଇଥିବା ଦୁଇ ମାଓବାଦୀଙ୍କ ମଧ୍ୟରେ ମହିଳା ମାଓବାଦୀ ବାତ୍ରୀ ଦେବୀ ଥିବାବେଳେ ପୁରୁଷ ମାଓବାଦୀ ଜଣଙ୍କ ଟାଇଗର ଓରଫ ପାଣ୍ଡି ହାଁସଦା ବୋଲି ଜଣାପଡ଼ିଛି । ପାଣ୍ଡୁ ଉପରେ ପୁଲିସ ପକ୍ଷରୁ ଦୁଇ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା । ସୁରକ୍ଷା ବାହିନୀକୁ ଘଟଣାସ୍ଥଳରୁ ବହୁ ମାତ୍ରାରେ ବନ୍ଧୁକ, ଗୁଳି ଓ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ମିଳିଛି । ମୃତ୍ୟୁବରଣ କରିଥିବା ଓ ଗିରଫ ହୋଇଥିବା ସମସ୍ତ ନକ୍ସଲ ସିପିଆଇ(ଏମ୍) ସଂଗଠନ ସହ ଜଡ଼ିତ ବୋଲି ପୁଲିସ ପକ୍ଷରୁ ସୂଚନା ଦିଆଯାଇଥିବା ବେଳେ ଝାଡ଼ଖଣ୍ଡ ପୁଲିସ, ସିଆର୍‌ପିଏଫ୍ ଓ ଝାଡ଼ଖଣ୍ଡ ଜାଗୁଆର ମିଳିତ ଭାବେ ଏହି ଅଭିଯାନରେ ସାମିଲ ଥିଲେ । ଏହି ଏନ୍‌କାଉଣ୍ଟର ପରେ ଉକ୍ତ ଅଞ୍ଚଳରେ ପୁଲିସ ପକ୍ଷରୁ ସର୍ଚ୍ଚ ଅପରେସନ୍‌କୁ ଅଧିକ କଡ଼ାକଡ଼ି କରାଯାଇଥିବା ପଶ୍ଚିମ ସିଂହଭୂମ ପୁଲିସ ଅକ୍ଷୀକ୍ଷକ ଆଶୁତୋଷ ଶେଖର ସୂଚନା ଦେଇଛନ୍ତି ।

ଭୁବନେଶ୍ୱର ମେୟର ଓ କର୍ପୋରେଟର ନବୀନଙ୍କୁ ଭେଟିଲେ

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ବିଜେଡ଼ି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ମେୟର ସୁଲୋଚନା ଦାସ ଓ କର୍ପୋରେଟର । ମେୟର ଶ୍ରୀମତୀ ଦାସଙ୍କ ନେତୃତ୍ୱରେ ବିଜେଡ଼ିର ପ୍ରାୟ ୩୫ କର୍ପୋରେଟର ଦଳର ସଭାପତିଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ । ମାତ୍ର ଦଳର ପ୍ରାୟ ୧୦ରୁ ଉର୍ଦ୍ଧ୍ୱ କର୍ପୋରେଟର ଅନୁପସ୍ଥିତ ଥିଲେ । ଏହି କର୍ପୋରେଟରଙ୍କ ଅନୁପସ୍ଥିତିକୁ ନେଇ ଦଳ ଭିତରେ ଗୁଞ୍ଜରଣ ସୃଷ୍ଟି ହୋଇଛି । ସୂଚନା ଅନୁଯାୟୀ ବିଧାନସଭା ଓ ଲୋକସଭା ନିର୍ବାଚନରେ ବିଜେଡ଼ିର ପରାଜୟ ପରେ ବିଏମ୍‌ସିର ସବୁ କର୍ପୋରେଟରଙ୍କୁ ନବୀନ ନିବାସ ଯିବା ପାଇଁ ସୂଚନା ଦିଆଯାଇଥିଲା । ପ୍ରାୟ ସବୁ କର୍ପୋରେଟର ଆସିଲେ ମଧ୍ୟ ଏକାମ୍ର ଓ ମଧ୍ୟ ନିର୍ବାଚନ ମଣ୍ଡଳୀର କିଛି କର୍ପୋରେଟର

ଆସିନଥିଲେ । ଶ୍ରୀ ପଟ୍ଟନାୟକ କର୍ପୋରେଟରଙ୍କୁ କହିଥିଲେ ଯେ ନିର୍ବାଚନରେ ହାର୍ ଜିତ୍ ଲାଗି ରହିଥାଏ । ଏଥିରେ ବିଚଳିତ ହେବାର ନାହିଁ । ବରଂ ପୂର୍ବ ପରି ଲୋକଙ୍କ ପାଇଁ କାମ କର । ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିବା ସହ ସେମାନଙ୍କ ସୁଖ ଦୁଃଖରେ ସାମିଲ ହୋଇ ବିକାଶମୂଳକ କାମ ଜାରି ରଖିବାକୁ ସେ ପରାମର୍ଶ ଦେଇଥିଲେ । କର୍ପୋରେଟର, ଡେପୁଟି ମେୟର, ମେୟର ସିଧାସଳଖ ଦଳର ସୁପ୍ରିମୋଙ୍କ ସହ ସାଙ୍ଗଠନିକ ସ୍ଥିତି ବିଷୟରେ ଆଲୋଚନା କରିଥିଲେ । ବିଜେଡ଼ି ନେତା ମନ୍ମଥ ରାଉତରାୟ କର୍ପୋରେଟର ବିରଞ୍ଚି ନାରାୟଣ ମହାସୂପକାର, କର୍ପୋରେଟର ଅମରେଶ ଜନୋଙ୍କ ସମେତ ବହୁ କର୍ପୋରେଟର ଉପସ୍ଥିତ ଥିଲେ । ମାତ୍ର ୧୦ରୁ ଉର୍ଦ୍ଧ୍ୱ କର୍ପୋରେଟର କାହିଁକି ଅନୁପସ୍ଥିତ ରହିଲେ ତାକୁ ନେଇ ଚର୍ଚ୍ଚା ଲାଗି ରହିଛି । ମେୟର କହିଛନ୍ତି ଆମେ ନବୀନ ନିବାସ ଯାଇ ଦଳର ସଭାପତିଙ୍କୁ ଭେଟି ଆଲୋଚନା କଲୁ । ରଜ ଯୋଗୁଁ ବାହାରକୁ ଯାଇଥିବାରୁ କିଛି କର୍ପୋରେଟର ଅନୁପସ୍ଥିତ ଥିଲେ । ଆମେ ସମସ୍ତେ ମିଳିତ ଭାବେ ଲୋକଙ୍କ ପାଇଁ କାମ କରୁଛୁ ।

ଭାରତୀୟ ବଂଶୋଦ୍ଭବଙ୍କ ଗୁଳିରେ ଭାରତୀୟ ମହିଳା ମୃତ

ୱାଶିଂଟନ୍, ନ୍ୟୁଜ୍ ବ୍ୟୁରୋ

ଆମେରିକାର ନ୍ୟୁଜର୍ସି ପ୍ରଦେଶରେ ଭାରତୀୟ ବଂଶୋଦ୍ଭବ ଯୁବକଙ୍କ ଗୁଳିମାଡ଼ରେ ଜଣେ ଭାରତୀୟ ମହିଳା ପ୍ରାଣ ହରାଇଥିବା ବେଳେ ଅନ୍ୟଜଣେ ଆହତ ହୋଇଛନ୍ତି । ଗୁଳିମାଡ଼ କରିଥିବା ଭାରତୀୟ ବଂଶୋଦ୍ଭବ ହେଉଛନ୍ତି ଗୌରବ ଗିଲ୍ (୧୯) । ସେହିପରି ପ୍ରାଣ ହରାଇଥିବା ଭାରତୀୟ ମହିଳା ହେଲେ ଜସବୀର କୌର୍ ଓ ଆହତ ମହିଳା ହେଲେ ଗଗନଦୀପ କୌର୍ । ଗଗନଦୀପଙ୍କ ଅବସ୍ଥା ଗୁରୁତର ଥିବାବେଳେ ତାଙ୍କୁ ନ୍ୟୁୟର୍କ ୟୁନିଭର୍ସିଟି ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି । ପୁଲିସ ଗୌରବଙ୍କୁ ଗିରଫ କରିଛି । ଜସବୀର ନ୍ୟୁଜର୍ସିର ଆମାଜନ କାର୍ଯ୍ୟାଳୟରେ କାମ କରୁଥିଲେ । ତାଙ୍କ ସ୍ୱାମୀ ଜଣେ ଟ୍ରକ୍ ଚାଳକ । ଜସବୀରଙ୍କ ଭଉଣୀ ହେଉଛନ୍ତି ଗଗନଦୀପ ।

ପଛକୁ ପଛ ୪ ଟ୍ରକ୍ ଧକ୍କା:ଜଣେ ଡ୍ରାଇଭର ମୃତ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ରାଜପଥ ଦେତାରୀ-ପାରାଦ୍ୱୀପ ରାସ୍ତାର ଛଘରିଆ ନିକଟବର୍ତ୍ତୀ ରାସ୍ତା ଉପରେ ଏକ ଟ୍ରକ୍ ଖରାପ ହୋଇ ରାସ୍ତା ଉପରେ ଛିଡା ହୋଇ ରହିଥିବାରୁ ତା ପଛକୁ ପଛ ଆଉ ୩ ଗୋଟି ଟ୍ରକ୍ ଦୁର୍ଘଟଣା ଗ୍ରସ୍ତର ସମ୍ମୁଖୀନ ହୋଇଛନ୍ତି । ଦ୍ୱିତୀୟ ଟ୍ରକ୍‌ର ଡ୍ରାଇଭର ପ୍ରାଣ ହରାଇଥିବା ବେଳେ ଅନ୍ୟ ଟ୍ରକ୍ ଗୁଡିକର ଡ୍ରାଇଭାର ଗୁରୁତର ଭାବେ ଆହତ ହୋଇ ଚିକିତ୍ସିତ ହେଉଥିବା ଜଣାପଡିଛି । ତେବେ ପୋଲିସ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ପ୍ରଥମ ଟ୍ରକ୍‌କୁ ଜାତୀୟ ରାଜପଥରୁ ନ ହଟାଇବା ଫଳରେ ଅନ୍ୟ ଟ୍ରକ୍ ଗୁଡିକ ଭାରସ୍ୟାମ ହରାଇ ପଛକୁ ପଛ ବାଡେଇ ହୋଇ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ଜଣାପଡିଛି ।

ବେଆଇନ୍ ପାଉଁଶ ପରିବହନ:ଅଣନିଶ୍ୱାସୀ ହେଉଛନ୍ତି ପଥଚାରୀ

ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ

ଦୀର୍ଘଦିନ ହେଲା କମ୍ପାନୀ ମାନଙ୍କର ବେଆଇନ୍ ପାଉଁଶ ପରିବହନ ଚାଲୁ ଅଛି । ପରିବହନ ଯୋଗୁଁ ସମ୍ବଲପୁର ଠାରୁ ଝାରସୁଗୁଡା ପଥଚାରୀମାନେ ଯିବା ଆସିବା ସମୟରେ ଅଣନିଶ୍ୱାସୀର ସମ୍ମୁଖୀନ ହେଉଛନ୍ତି । ଏହି ଏରିୟାରେ ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ନଥିବା ସତ୍ତ୍ୱେ କମ୍ପାନୀର ଅସଂଖ୍ୟ ଭାରିଜାନ ଚଳାଚଳ ସାଙ୍ଗକୁ ଖାଲ ଖମା ରାସ୍ତା ଭିତରେ ପାରିହୋଇ ଯିବାକୁ ପଡ଼ିଥାଏ । ଯେଉଁ ଜାଗାରେ ଅଣ୍ଡର ପାସ୍ କି ଓଭର୍‌ପାସ୍ ଦେବାକଥା ସେଠାରେ ଦିଆଯାଇନଥିବାରୁ ବାରମ୍ବାର ଦୁର୍ଘଟଣାର ଶିକାର ହେଉଛନ୍ତି ନିରୀହ ଲୋକମାନେ । ସମ୍ବଲପୁର ଓ ଝାରସୁଗୁଡା ଜିଲ୍ଲା ରାଜ୍ୟ ରାଜପଥ ଉପରେ କମ୍ପାନୀମାନଙ୍କ ସମ୍ମୁଖରେ ଶହ ଶହ ଗାଡ଼ି ପ୍ରତିଦିନ ଅଟକି ରହୁଛି । ପ୍ରତିଦିନ ଟ୍ରାଫିକ୍ ସମସ୍ୟା ମଧ୍ୟ ଦେଖିବାକୁ ମିଳୁଛି । ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ଅଟକି ଥିବା ଏହି ରାସ୍ତା କଡ଼ରେ ବଡ଼ ବଡ଼ ଗାଡ଼ି ଯୋଗୁଁ ଟ୍ରାଫିକ୍ ସମସ୍ୟା ଉପୁଜୁଛି ଆଉ ଅକାଳରେ ଲୋକଙ୍କ ମୃତ୍ୟୁ ହେଉଛି । ସବୁଠୁ ବଡ଼ କଥା ହେଲା ଏହି ରାସ୍ତା କଡ଼ରେ ଶହ ଶହ ଗାଡ଼ି ଲାଗି ରହିଥିଲେ ମଧ୍ୟ ନାଁ ପୋଲିସର ନଜର ପଡୁଛି ନାଁ ସ୍ଥାନୀୟ ପ୍ରଶାସନଙ୍କ ନଜର ପଡୁଛି ନାଁ ପରିବହନ ବିଭାଗର ନଜର ପଡୁଛି । ସମସ୍ତେ ଜାଣି ଥିଲେ ମଧ୍ୟ ନୀରବଦ୍ରଷ୍ଟା ପାଲଟିଛନ୍ତି । ଆଉ ଏହି ରାସ୍ତା କଡ଼ରେ ଥିବା କମ୍ପାନୀମାନଙ୍କୁ କାହିଁକି ଖୁଲମ୍ ଖୁଲା ପାର୍କିଙ୍ଗ ପାଇଁ ଅନୁମତି ଦେଉଛନ୍ତି ତାହା ଏବେ ସମ୍ବଲପୁର ଓ ଝାରସୁଗୁଡା ଅଞ୍ଚଳବାସୀଙ୍କ ପାଇଁ ଚିନ୍ତାର କାରଣ

ପାଲଟିଲାଣି । ପରିବହନ ବିଭାଗର ଖାମଖିଆଲି ନୀତି ଯୋଗୁଁ ଆଜି ଅକାଳରେ ଯାଉଛି ନିରୀହ ଲୋକଙ୍କ ଜୀବନ । ଲୋକେ ରେଙ୍ଗାଲି ଠୁ ଝାରସୁଗୁଡା ଅଭିମୁଖେ ଯିବା ପାଇଁ ମଧ୍ୟ ଡରୁଛନ୍ତି ଆଉ କମ୍ପାନୀ ମାନଙ୍କ ଖାମଖିଆଲି ମନୋଭାବ ଯୋଗୁ ଦୁର୍ଘଟଣା ଘଟି ଜୀବନ ଯାଉଛି । ଅନେକ ପରିବାରର ହସ ଖୁସି ଛଡାଇ ନେଉଛି । ଅକାଳରେ ଉଜୁଡି ଯାଉଛି ନିରୀହ ପରିବାର । ଏପରି ଦେଖିବାକୁ ମଳିଛି ଲପଙ୍ଗା ବାଞ୍ଜିବେର୍ଣ୍ଣା ଗ୍ରାମର ମକରଧ୍ୱଜ ମେହେରଙ୍କ ପରିବାର ବେଆଇନ ପାଉଁଶ ପରିବହନ ପାଇଁ ପାଉଁଶ ପୋଖରୀରେ ନପକାଇ ସରକାରି ବେସରକାରି ଜମିରେ ପାଉଁଶ ପକାଇବା ଯୋଗୁଁ ରାସ୍ତା କଡରେ ଥିବା ୨୦ ଫୁଟିଆ ୩୩ କେଭି ଓ ୧୧ କେଭି ବିଦ୍ୟୁତ୍ ଖୁଣ୍ଟ ପୋତି ହୋଇ ୧୦ ରୁ ୮ ଫୁଟରେ ହାତ ପାହାନ୍ତାରେ ଝୁଲୁଛି । ଏହା ବିଶେଷ କରି ଲପଙ୍ଗା ବମାଲୋଇରେ ଦେଖିବାକୁ ମିଳୁଛି । ସ୍ଥାନୀୟ ପ୍ରଶାସନ ଓ ଇଲେକ୍ଟ୍ରୀ ବିଭାଗର ଅବହେଳା ଯୋଗୁଁ ରବିବାର ଦିନ ପାଣି ଦେବା ପାଇଁ ଯାଉଥିବା ସମୟରେ ୧୧ କେଭି ତାରରେ ପାଣି ଟ୍ରାକ୍ଟରରେ ଲାଗିଯିବାରୁ ମକରଧ୍ୱଜ ମେହେର ୪୪ର ମୃତ୍ୟୁ ଲପଙ୍ଗାରେ ହୋଇଥିବା ଲପଙ୍ଗା ଗ୍ରାମବାସୀ କହିଛନ୍ତି । ୨୦ ଫୁଟର ଇଲେକ୍ଟ୍ରୀ ଖୁଣ୍ଟ ପୋତିହୋଇ ୮/୧୦ ଫୁଟ୍ ହେବା କାହାର ଦୋଷ ? ମେହେରଙ୍କ ଛୋଟ ଛୋଟ ଦୁଇ ଝିଅ ପୁଅ ଥିବାବେଳେ ଇଲେକ୍ଟ୍ରୀ ଓ ସ୍ଥାନୀୟ କମ୍ପାନୀକୁ ପରିବାର ପୋଷଣ ପାଇଁ ଆର୍ଥିକ ସହଯୋଗ ଦାବିକରି ଦୋଷି ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି ଗ୍ରାମବାସୀ ।

ବିଶ୍ୱରେ ପ୍ରତି ସେକେଣ୍ଡକୁ ଆଣବିକ ଅସ୍ତ୍ର ପାଇଁ ଖର୍ଚ୍ଚ ୨୮୯୮ ଡଲାର

ୱାଶିଂଟନ୍, ନ୍ୟୁଜ୍ ବ୍ୟୁରୋ

ଚୀନ୍, ଭାରତ, ଇସ୍ରାଏଲ ଭଳି ୯ଟି ଆଣବିକ ଶକ୍ତି ସମ୍ପନ୍ନ ରାଷ୍ଟ୍ର ଆଣବିକ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତି ଓ ପରୀକ୍ଷା କ୍ଷେତ୍ରରେ ୨୦୨୩ରେ ବ୍ୟୟ କରିଛନ୍ତି ୯୧.୪ ବିଲିୟନ ବା ୯୧୪୦ କୋଟି ଡଲାର । ଅନ୍ୟ ରାଷ୍ଟ୍ରମାନେ ହେଉଛନ୍ତି ଫ୍ରାନ୍ସ, ରଷ, ବ୍ରିଟେନ୍, ପାକିସ୍ତାନ, ଉତ୍ତର କୋରିଆ ଓ ଆମେରିକା । ଏଥିରେ ଆମେରିକାର ରହିଛି ସିଂହଭାଗ । ଆମେରିକା ଏକାକୀ ଖର୍ଚ୍ଚ କରିଛି ୫୧.୫ ବିଲିୟନ ଡଲାର (୫୧୫୦ କୋଟି), ଯାହା ଅନ୍ୟ ସମସ୍ତ ରାଷ୍ଟ୍ରଙ୍କ ମିଳିତ ବ୍ୟୟ ତୁଳନାରେ ମଧ୍ୟ ଅଧିକ । ଆମେରିକାର ବ୍ୟୟ ମୋଟ ବ୍ୟୟର ପ୍ରାୟ ୮୦ ପ୍ରତିଶତ । ଏହା ପ୍ରତିବର୍ଷ ବଢ଼ିଚାଲିଛି । ୨୦୨୩ର ଖର୍ଚ୍ଚ ପୂର୍ବ ବର୍ଷ ତୁଳନାରେ ୧୩ ପ୍ରତିଶତ ଅଧିକ । ପ୍ରକୃତ ହିସାବ ଦେଖିଲେ ଆଣବିକ ଅସ୍ତ୍ର ବାବଦରେ ଏହି ରାଷ୍ଟ୍ରମାନଙ୍କର ଖର୍ଚ୍ଚ ପ୍ରତି ସେକେଣ୍ଡକୁ ୨୮୯୮ ଡଲାର ବା ମିନିଟ ପିଛା ୧ ଲକ୍ଷ ୭୩ ହଜାର ୮୮୪ ଡଲାର । ଆଣବିକ ଶକ୍ତି ସମ୍ପନ୍ନ ରାଷ୍ଟ୍ରଗୁଡ଼ିକ ଅସ୍ତ୍ରଶସ୍ତ୍ର ବାବଦରେ ବାର୍ଷିକ ପ୍ରାୟ ୧୦୦ ବିଲିୟନ ଡଲାର ବ୍ୟୟ କରୁଛନ୍ତି । ଆଣବିକ ଅସ୍ତ୍ର ନିରାକରଣ ଅଭିଯାନ ସମ୍ପର୍କିତ ଆନ୍ତର୍ଜାତିକ ସଂଗଠନ ଇଣ୍ଟରନ୍ୟାସନାଲ କ୍ୟାମ୍ପେନ୍ ଟୁ ଆବୋଲିସ୍ ନ୍ୟୁକ୍ଲିୟର ୱିପନ୍ସ ବା ଆଇସିଏଏନ୍ ପକ୍ଷରୁ ନିକଟରେ ଏହି ହିସାବ ପ୍ରକାଶ ପାଇଛି । ପ୍ରକାଶିତ ତଥ୍ୟ ଅନୁସାରେ ଆମେରିକା ପଛକୁ ଆଣବିକ ଅସ୍ତ୍ର ବାବଦରେ ସର୍ବାଧିକ ବ୍ୟୟ କରୁଥିବା ରାଷ୍ଟ୍ର ହେଉଛି ଚୀନ୍ । ୨୦୨୩ରେ ଏହା ଖର୍ଚ୍ଚ କରିଛି ୧୧.୮ ବିଲିୟନ ବା ୧୧୮୦ କୋଟି ଡଲାର ।

ରକ୍ଷଣାବେକ୍ଷଣ ଅଭାବରୁ ଜାତୀୟ ରାଜପଥ ୨୦ ଅସୁରକ୍ଷିତ

ପୋଲ ଏବଂ ରାସ୍ତାରେ ବର୍ଷା ଜଳ ନିଷ୍କାସନ ସମସ୍ୟା

କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ

କେନ୍ଦୁଝର ଜିଲ୍ଲାର ଲାଇଫ ଲାଇନ୍ କୁହାଯାଉଥିବା ଜାତୀୟ ରାଜପଥ ୨୦ ଅସୁରକ୍ଷିତ ହୋଇପଡିଛି । ପାଣିକୋଇଲି ଠାରୁ ରିମୁଳି ପର୍ଯ୍ୟନ୍ତ ୧୬୩ କିଲୋମିଟର ରାସ୍ତାର ସଠିକ୍ ରକ୍ଷଣାବେକ୍ଷଣ ହେଉନଥିବାରୁ ଏହି ରାସ୍ତାରେ ଯାତାୟାତ କରିବା ପାଇଁ ଯାତ୍ରୀ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି । ପାଣିକୋଇଲି ଠାରୁ ରିମୁଳି ପର୍ଯ୍ୟନ୍ତ ଜାତୀୟ ରାଜପଥ ରକ୍ଷଣାବେକ୍ଷଣ ପାଇଁ ପ୍ରତ୍ୟେକ ବର୍ଷ ଏନ୍‌ଏଚ୍‌ଏଆଇ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ହେଁ ଅଧିକାଂଶ ଅର୍ଥ ରକ୍ଷଣାବେକ୍ଷଣ ବାବଦ ଖର୍ଚ୍ଚ ନ ହୋଇ ବାଟମାରଣା ହେଉଛି । ନିୟମିତ ତଦାରଖ ଅଭାବ ଏବଂ ମରାମତି ହେଉନଥିବାରୁ ଅନେକ ସ୍ଥାନ ଖାଲଖମା ରହିଛି । କେଉଁଠି ରାସ୍ତା ଦବି ଗଲାଣି ତ କେଉଁଠି ରାସ୍ତାକୁ ଲାଗି ଘାସ ବୁଦା ଉଠିଲାଣି । ଜାତୀୟ ରାଜପଥ ୨୦ ରାସ୍ତା ପାର୍ଶ୍ୱରେ ଅନେକ ସ୍ଥାନରେ ରାସ୍ତା

ଦବି ଖାଲଖମାରେ ପରିଣତ ହୋଇ ବିପଦସଙ୍କୁଳ ହୋଇପଡିଛି । ପାଣିକୋଇଲି ଠାରୁ ରିମୁଳି ମେଡିଆନରେ ଲାଗିଥିବା ଅଧିକାଂଶ ଗଛ ମରି ଯାଇଥିବାବେଳେ ମେଡିଆନ ଘାସ ବୁଦାରେ ପରିପୂର୍ଣ୍ଣ ହୋଇଗଲାଣି । ରାସ୍ତା ପାର୍ଶ୍ୱରେ ଏବଂ ମେଡିଆନ୍‌ରେ ବୁଦା ସଫେଇ କରାଯାଉନାହିଁ ଏନ୍‌ଏଚ୍‌ଏଆଇ ଏ ବାବଦକୁ ଅପର୍ଯ୍ୟାପ୍ତ ଟଙ୍କା ଖର୍ଚ୍ଚ କରୁଛନ୍ତି ହେଲେ ଏହା ଠିକ୍ ଭାବରେ କାର୍ଯ୍ୟକାରୀ ହେଉଛି କି ନାହିଁ ତାହାର ତଦାରଖ ହେଉନାହିଁ । ରାସ୍ତା ଉପରେ ଏବଂ ମେଡିଆନ ପାର୍ଶ୍ୱରେ ମାଟି କାଦୁଅ ଜମି ଥିବାବେଳେ ଏହାକୁ ସଫେଇ କରାଯାଉନାହିଁ । ଫଳରେ ଏହି କାରଣରୁ ଛୋଟବଡ ଦୁର୍ଘଟଣା ହେଉଛି । ସେହିପରି ଧ୍ରୁପଦା ଠାରୁ ରାଇସୁଆଁ ପର୍ଯ୍ୟନ୍ତ ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଅଧିଗ୍ରହଣ ଜମି ଜବରଦଖଲ ହୋଇ ରାସ୍ତା ପାର୍ଶ୍ୱରେ ହୋଟେଲ, ଢାବା, ଗ୍ୟାରେଜ, ଟାୟାର ଦୋକାନ ଚାଲି ଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛି । ଫଳରେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ଲୋକମାନେ ଅସୁବିଧାରେ ପଡୁଛନ୍ତି । ଲୋକଙ୍କ ସୁରକ୍ଷା ପାଇଁ ରାସ୍ତା ପାର୍ଶ୍ୱରେ ଥିବା ଦୋକାନ ଏବଂ ଢାବା ନିୟମିତ ଉଚ୍ଛେଦ କରାଯାଉନାହିଁ । ଏହି ରାସ୍ତାରେ ଦୀର୍ଘ ବର୍ଷ ହେବ ହୋଟେଲ ସାଇ ଜାତୀୟ ରାଜପଥ ଅଧିଗ୍ରହଣ ଜମିରେ ଚାଲିଥିଲେ ହେଁ ଜବରଦଖଲ ଉଚ୍ଛେଦ କରାଯାଇନାହିଁ । ଘଟଗାଁ ବାଇପାସ୍ ଓଭରବ୍ରିଜରେ ପାଣି ଜମି ବଡ ବଡ ଖାଲ ସୃଷ୍ଟି ହୋଇଛି । ସାମାନ୍ୟ ବର୍ଷା ହେଲେ ଗାଡରେ ପାଣି ଜମି ହୋଇ ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି । ଉକ୍ତ ସ୍ଥାନରେ ଭାରୀଯାନ ଚଳାଚଳ ଯୋଗୁଁ ରାସ୍ତା ଅଧିକ ଗାଡ ହୋଇ ପଡିଛି । ଜାତୀୟ ରାଜପଥରେ ପାଣି ନିଷ୍କାସନ ସୁବିଧା ନଥିବାରୁ ଏଭଳି ସମସ୍ୟା ଦେଖାଦେଇଛି । ଜାତୀୟ ରାଜପଥରେ ଅସୁରକ୍ଷିତ ସ୍ଥାନକୁ ଚିହ୍ନଟ କରି ମରାମତି କରିବାକୁ ଦାବି ହୋଇଛି । ଏନ୍‌ଏଚ୍‌ଏଆଇ ପ୍ରକଳ୍ପ ନିର୍ଦ୍ଦେଶକ ଲୋକଙ୍କ ସୁରକ୍ଷା ପାଇଁ ବିହିତ ପଦକ୍ଷେପ ନେବାକୁ କେନ୍ଦୁଝର ସାଂସଦ ଅନନ୍ତ ନାୟକ କହିଛନ୍ତି ।

ପ୍ରତିଶ୍ରୁତି ରକ୍ଷାକରି ରାହୁଲ ଗାନ୍ଧୀ ସାଲେପୁରକୁ କରାଟେ ପୋଷାକ ପଠାଇଲେ

ସାଲେପୁର, ନ୍ୟୁଜ୍ ବ୍ୟୁରୋ

କଂଗ୍ରେସ ନେତା ରାହୁଲ ଗାନ୍ଧୀ ସାଲେପୁର କୁଳିଆ ସ୍ଥିତ ଏକ ନିର୍ବାଚନ ସଭାରେ ଯୋଗ ଦେବାକୁ ଗତ ଏପ୍ରିଲ ୨୮ରେ ଓଡ଼ିଶା ଗସ୍ତରେ ଆସିଥିଲେ । ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମଦିନ ଉପଲକ୍ଷେ ସେ

ପକ୍ଷାଭିତ୍ତିକ
30 YEARS
ସମ୍ବାଦ କାଳିକା

୬ ବର୍ଷରେ ରିଜର୍ଭ ବ୍ୟାଙ୍କ ୪୬ ପ୍ରତିଶତ ସୁନା କିଣିଛି

ସୁନା ଗହଣାର ଲୋଭ ସମସ୍ତଙ୍କର ରହିଛି। ବିଶେଷ କରି ମହିଳାମାନେ ଅଳଙ୍କାର ଆକାରରେ ସୁନା କିଣିବାକୁ ଅଧିକ ପସନ୍ଦ କରନ୍ତି। ବିବାହ ବେଳେ ମଧ୍ୟ ସୁନା ଗହଣା ଉପହାର ଦେବାର ପରମ୍ପରା ରହିଛି। ତେବେ ସୁନାକୁ କେବଳ ସାଧାରଣ ଲୋକମାନେ ନୁହେଁ, ଭାରତୀୟ ରିଜର୍ଭ ବ୍ୟାଙ୍କ ବି ବହୁତ ପସନ୍ଦ କରୁଛି। ସେଥିପାଇଁ ଏହା ଚଳିତ ବର୍ଷର ପ୍ରଥମ ଦୁଇ ମାସରେ ୧୩.୩ ଟନ୍ ସୁନା କିଣି ଏହାର ଭଣ୍ଡାର ଭର୍ତ୍ତି କରିଛି। ସୁନା ମୂଲ୍ୟ ଏବେ ସର୍ବକାଳୀନ ସର୍ବୋଚ୍ଚ ସ୍ତରରେ ରହିଛି। ସ୍ଥାନୀୟ ବଜାରରେ ସୁନାର ୧୦ ଗ୍ରାମ ପିଛା ଦାମ୍ ୭୩ ହଜାର ଟଙ୍କା ସ୍ତର ଅତିକ୍ରମ କରିଛି। ଅନ୍ତର୍ଜାତିକ ବଜାରରେ ସୁନାର ଆଉନ୍ସ ପିଛା ଦାମ୍ ୨୪୦୦ ଡଲାରରୁ ଅଧିକ ରହିଛି। ଏଭଳି ଏକ ସମୟରେ ରିଜର୍ଭ ବ୍ୟାଙ୍କ ନିଜ ଭଣ୍ଡାରରେ ଅଧିକ ସୁନା ଭର୍ତ୍ତି କରି ମୁଦ୍ରା ଭଣ୍ଡାରକୁ ଆହୁରି ସଶକ୍ତ କରିବା ଦିଗରେ କାମ କରୁଛି। ବୈଦେଶିକ ମୁଦ୍ରା ଭଣ୍ଡାରରେ ବିବିଧତା ଆଣିବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ ସୁନାର ଏକ ସ୍ୱତନ୍ତ୍ର ଭଣ୍ଡାର ରଖିଛି। ବିଶେଷ କରି ଆମେରିକୀୟ ଡଲାରରେ ଅସ୍ଥିରତା ଭଳି ଅଭାବନୀୟ ସମୟର ମୁକାବିଲା କରିବାରେ ସେହି ସୁନା କାମରେ ଆସିବ। ଭାରତୀୟ ରିଜର୍ଭ ବ୍ୟାଙ୍କର ବୈଦେଶିକ ମୁଦ୍ରା ଭଣ୍ଡାର ଚଳିତ ୫ ମାସରେ ରେକର୍ଡ ୬୪,୪୮୦ କୋଟି ଡଲାରକୁ ବୃଦ୍ଧି ପାଇଥିଲା। ୨୦୨୩ରେ ରିଜର୍ଭ ବ୍ୟାଙ୍କ ବର୍ଷ ସାରାରେ ଯେତିକି ସୁନା କିଣିଥିଲା, ତାହାର ୮୦ ପ୍ରତିଶତ ସୁନାକୁ ଏହା ଚଳିତ ବର୍ଷର ପ୍ରଥମ ଦୁଇ ମାସରେ କିଣିଛି। କିଛି ଦିନ ପୂର୍ବେ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ କହିଥିଲେ ଯେ ଆମେ ବିଭିନ୍ନ ବିଷୟ ବିଚାରକୁ ନେଇ ବୈଦେଶିକ ମୁଦ୍ରା ଭଣ୍ଡାରକୁ ବଢ଼ାଇବା ନିଷ୍ପତ୍ତି ଗ୍ରହଣ କରୁଛୁ। ଭଣ୍ଡାରରେ ବିବିଧତା ଆଣିବା ଲାଗି ୨୦୧୭ ଡିସେମ୍ବର ପରଠାରୁ ରିଜର୍ଭ ବ୍ୟାଙ୍କ ବ୍ୟାପକ ସୁନା କିଣୁଛି। ୨୦୧୭ ଡିସେମ୍ବରରେ ରିଜର୍ଭ ବ୍ୟାଙ୍କ ପାଖରେ ୧୭.୯୪ ନିୟୁତ ଟ୍ରୟ ଆଉନ୍ସ ସୁନା ଥିଲା। ୨୦୨୪ ଫେବୁୟାରୀ ସୁଦ୍ଧା ତାହା ୨୬.୨୬ ନିୟୁତ ଟ୍ରୟ ଆଉନ୍ସକୁ ବୃଦ୍ଧି ପାଇଛି। ଗତ ୬ ବର୍ଷ ଭିତରେ ରିଜର୍ଭ ବ୍ୟାଙ୍କର ସୁନା ଭଣ୍ଡାରରେ ୪୬ ପ୍ରତିଶତ ବୃଦ୍ଧି ଘଟିଛି। କେବଳ ଭାରତୀୟ ରିଜର୍ଭ ବ୍ୟାଙ୍କ ନୁହେଁ ବିଶ୍ୱର ଅଧିକାଂଶ କେନ୍ଦ୍ରୀୟ ବ୍ୟାଙ୍କ ଭଣ୍ଡାରରେ ସୁନା ରହିଛି।

ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ମା।

ଗାଧୁଆ ପାଧୁଆ ନ ହେଲା ନାହିଁ
ଅଖିଆ ଅପିଆ ରହିବି ମୁହିଁ
ତଥାପି " ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୧)

ଚନ୍ଦନ ସିନ୍ଦୂର ନ ହେଲା ନାହିଁ
ତୁଳସୀର ମାଳା ମୋ ଲୋଡା ନାହିଁ
ତଥାପ "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୨)

ପାଟ ପିତାମ୍ବରୀ ନ ହେଲା ନାହିଁ
ତଥାପି " ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୩)

ଦହି ଦୁଧ ଛେନା ନ ହେଲା ନାହିଁ
ଲହୁଣୀରେ ମନ ମୋହର ନାହିଁ
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୪)

ତୋ ନାମ ମୋହର ଗଙ୍ଗା ଯମୁନା
ତୋ ନାମେ ସିନ୍ଦୂର ଚିତା ପଇତା
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ
(୫)

ତୋ ସ୍ନେହ ମମତା କ୍ଷୀର ଲବଣୀ
ତୋ ପାଦଧୂଳି ମୋ ମଥାର ମଣି
ତଥାପି "ମା" ମୁଁ
ତୋହରି ନାମକୁ ଭୁଲିବି ନାହିଁ(୬)

ଶ୍ରୀ ଅଭିରାମ ସରସ୍ୱତୀ

କିପରି ଭାବେ ମୁଁ ତୋତେ କହିବି
ଯୁଗେ ଯୁଗେ ମୋର ତୁହି ଜନନୀ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ(୭)

ଲୋଡା ନାହିଁ ମୋର ସାରା ଜଗତ
ତୋ ନାମ ମୋ ହୃଦେ କେବଳ ମାତ
ତଥାପି 'ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ(୮)

ଲକ୍ଷ୍ମୀ ସରସ୍ୱତୀ ତୁ କାଳୀ ମାତା
ଦୁର୍ଗା ନାରାୟଣୀ ଶକ୍ତି ମୋ ମା
ତଥାପି ' ମା' ମୁଁ
ତୋହରି ନାମକୁ ଭୁଲିବି ନାହିଁ।
(୯)

ଯୁଗେ ଯୁଗେ ଅଭି ତୋ ନାମ ଭଜି
ମାୟା ସଂସାରରୁ ଯାଏ ସେ ହଜି
ତଥାପି 'ମା' ମୁଁ
ତୋହିର ନାମକୁ ଭୁଲିବି ନାହିଁ
(୧୦)

(କ୍ରମଶଃ)

ଲୀଳାତତ୍ତ୍ୱ

ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

ବୈଷ୍ଣବ ମତରେ ଭଗବାନଙ୍କ ପ୍ରେମରେ ରାସଲୀଳା ହିଁ ପ୍ରେମର ପୂର୍ଣ୍ଣତା ଲାଭ କରିଥିଲା। ଏହି ପ୍ରେମ ହିଁ ରୂପାନ୍ତରିତ ହୋଇଛି ଆନନ୍ଦ ସ୍ୱରୂପରେ ଭଗବାନଙ୍କୁ ବା ଜଗତକୁ ସୁଖ ପାଇବାକୁ ପ୍ରେମ କୁହାଯାଏ। ଇନ୍ଦ୍ରିୟ ନିମିତ୍ତ ଅନିତ୍ୟ ବସ୍ତୁ ପ୍ରତିଆକାଂକ୍ଷାକୁ କାମ କୁହାଯାଏ। କାମ ଅନ୍ଧକାର ଓ ପ୍ରେମ ଉଜ୍ଜ୍ୱଳ ଦିନମଣି ସଦୃଶ। ବୃନ୍ଦାବନ ରାସଲୀଳାରେ କାମ ପ୍ରଶମିତ ହୋଇଥିଲା। ପ୍ରେମ ପ୍ରୀତିର ପ୍ରଥମ ଦେବତା ହେଲେ ମନସିଜ ବା ମଦନ। ମନରୁ ଜନ୍ମ ହୋଇଥିବାରୁ ତାଙ୍କର ଏପରି ନାମ କରଣ ହୋଇଛି। ମନଟି ସର୍ବଦା ଉଭୟମୁଖୀ। ଗୋଟିଏ ହେଲା ସତ୍ ଓ ଅନ୍ୟଟି ଅସତ୍। ଜୀବଜଗତରେ କାମ ଓ ପ୍ରେମକୁ ସାଧାରଣତଃ ପୃଥକ କରାଯାଇପାରେ ନାହିଁ। ସେହି ମଦନ ଦେବତାଙ୍କୁ ଦହନ ନ କରି କେବଳ ମୁଗ୍ଧ କରି ଭଗବତ୍ ଆଭିମୁଖ୍ୟରେ ନେବାକୁ ପଡ଼ିବ। ଫଳରେ ଜୀବ ନିଜର ଅଭୀଷ୍ଟ ଲାଭ କରିପାରିବ। ରାସଲୀଳା ହିଁ ନିଜେ ପ୍ରେମ ପୂର୍ଣ୍ଣ। କାମ ଗନ୍ଧ ଶୂନ୍ୟ ଏହି ରାସ ଲୀଳା ହିଁ ଭାଗବତର ପ୍ରାଣ ଓ ଏହା ବେଦାନ୍ତର ଭାସ୍ୟ। କାରଣ ପ୍ରଥମେ ତତ୍ତ୍ୱ ଓ ପରେ ଲୀଳା। ଶ୍ରୀ ଗୀତଗୋବିନ୍ଦରେ ବର୍ଣ୍ଣିତ ଲୀଳାକୁ ପ୍ରଥମେ ତତ୍ତ୍ୱରେ ବୁଝିବାକୁ ହେବ। ତତ୍ତ୍ୱଜ୍ଞାନ ନ ହେଲେ ଲୀଳା ତତ୍ତ୍ୱ ବୁଝିହେବ ନାହିଁ। ତତ୍ତ୍ୱ ମଧ୍ୟରେ ରାସଲୀଳା ହିଁ ସର୍ବୋତ୍ତମ। ଚିତ୍ତ ଶୁଦ୍ଧି ନ ହେଲେ ଲୀଳାତତ୍ତ୍ୱ ବୁଝିବା କଷ୍ଟକର ହୋଇଥାଏ। ତେଣୁ ଏହାର ନାମ ଅଚିନ୍ତ୍ୟ ଭେଦାଭେଦ।

ସର୍ବ ଭୂତାତ୍ମା ଶ୍ରୀକୃଷ୍ଣ ହିଁ ଜଗତର ପରିଚାଳକ। ସେହି ଅନନ୍ତ ଶ୍ୟାମଘନ ଦେହରେ ଅସଂଖ୍ୟ, ଗ୍ରହ ନକ୍ଷତ୍ରପୁଞ୍ଜ ବେଷ୍ଟିତ ଓ ତାଙ୍କରି ନିର୍ଦ୍ଦେଶରେ ହିଁ ପ୍ରତ୍ୟେକ ପରିଚାଳିତ। ଏହି ଭଳି ପରିଚାଳକଙ୍କୁ କ'ଣ ସହଜରେ ବଶୀଭୂତ କରାଯାଇପାରେ? ହଁ, ତାଙ୍କୁ କେବଳ ପ୍ରେମଦ୍ୱାରା ବଶୀଭୂତ କରାଯାଇପାରେ। ତପସ୍ୱୀମାନଙ୍କ ପରି ବହୁ କଷ୍ଟ ନ କରି ସହଜ ଉପାୟରେ ତାଙ୍କୁ ଏହି ପ୍ରେମଦ୍ୱାରା ଆକର୍ଷିତ କରାଯାଇ ପାରେ। ଶ୍ରୀମତୀ ରାଧାରାଣୀ ହିଁ ଏହି ବିଦ୍ୟାର ମହାଶକ୍ତି। ବ୍ରହ୍ମ ନିର୍ଗୁଣ। ସେ ସମସ୍ତ ଐଶ୍ୱର୍ଯ୍ୟମୟ। ମାତ୍ର ତାଙ୍କର କାମନା ଅଛି। ସେ ତାଙ୍କ ସୃଷ୍ଟିଠାରୁ କିଞ୍ଚିତ ଆଶା କରନ୍ତି। ତାହା ହିଁ ହେଉଛି ପ୍ରେମ। ପ୍ରେମର ଭିଖାରି ହୋଇ ସେ ଘୂରିବୁଲନ୍ତି ତାଙ୍କ ସୃଷ୍ଟି ନିକଟରେ। ସେହି ଭିଖାରିର ଥାଳ ପୂର୍ଣ୍ଣ କରିବାକୁ ସକ୍ଷମା ହେବେ ଏକ ମାତ୍ର ଶ୍ରୀମତୀ।

ଜ୍ଞାନର ଚରମସୀମାକୁ ଗଲେ ଭାବରାଜ୍ୟ ମିଳିଥାଏ। ଭାବଜଗତର ପ୍ରତ୍ୟେକ ଅଣୁ ଆନନ୍ଦରେ ଗଠିତ। ଭାବ ଜଗତରୁ କଣିକାଏ ଆସି ଆତ୍ମାରୂପେ ବିଦ୍ୟମାନ। ଏହି ଭାବ ଜଗତର ଭାବମୟ ମୂର୍ତ୍ତି ହେଉଛନ୍ତି ନିରାକାର। ତାଙ୍କର ଧ୍ୟାନ ନିମନ୍ତେ ଯେଉଁ ମୂର୍ତ୍ତିର ପରିକଳ୍ପନା ତାହା ଅବଲମ୍ବନ ମାତ୍ର। ସ୍ଥୂଳ ମୂର୍ତ୍ତିର ଧ୍ୟାନରେ ସୂକ୍ଷ୍ମ ରୂପକ ଲାଭ କରିହୁଏ। ମୂର୍ତ୍ତି କଳ୍ପନା ବ୍ୟତୀତ ସହଜରେ ସୂକ୍ଷ୍ମରୂପୀ ବିଗ୍ରହ କଳ୍ପନାରେ ଏହା ହିଁ ଭିତ୍ତିଭୂମି। ଗୋପୀମାନେ ଭାବର ସାଧିକା ଓ ସାଧନାର ଶ୍ରେଷ୍ଠ ଗୋପୀକୁ ରାଧିକା ବୋଲି ଶାସ୍ତ୍ରକାରମାନେ କହିଥାନ୍ତି। ସାଧକମାନେ ରାଧାଙ୍କୁ ଅବଲମ୍ବନ କରି ସିଦ୍ଧ ହୋଇପାରିବେ।

ଉପନିଷଦରେ ଆନନ୍ଦକୁ ବ୍ରହ୍ମ କୁହାଯାଏ। ଏହି ଆନନ୍ଦ ନିମନ୍ତେ ସୃଷ୍ଟି ତିଆରି ହୋଇଛି ଓ ଏହି ଆନନ୍ଦରେ ହିଁ ହେବ ତାର ବିଲୟ। ସେହି ଆନନ୍ଦ ବ୍ରହ୍ମ ହିଁ ଯଶୋଦାନନ୍ଦନ ଶ୍ରୀକୃଷ୍ଣ। ଋଷିମାନଙ୍କର ତପୋବନର ସାଧନା ଶେଷରେ ବୃନ୍ଦାବନ ଲୀଳାରେ ପରିସମାପ୍ତି ହେଲା। ସେହି ଚିରସୁନ୍ଦରଙ୍କୁ ଅପେକ୍ଷା କରି ସେମାନେ ଯୁଗ ଯୁଗ ରହିଥିଲେ। ପରିଶେଷରେ ସେହି ନିତ୍ୟାନନ୍ଦଙ୍କ ଲୀଳାରେ ଝାସ ହେଲେ ଓ ପରମ ପୁରୁଷଙ୍କ ବୃନ୍ଦାବନ ଲୀଳାର ଅନୁଭବ ଓ ଆସ୍ୱାଦନ କରି ନିଜକୁ କୃତାର୍ଥ କଲେ। ଏହି ନିତ୍ୟଲୀଳା ଯାହାଦ୍ୱାରା ସାଧିତ ହେଉଛି ତାହା ହିଁ ହ୍ଲାଦିନୀ ଶକ୍ତି। ଏହି ଶକ୍ତି ହେଉଛନ୍ତି ଶ୍ରୀମତୀ ରାଧିକା। ମହାଭାବ ସ୍ୱରୂପିଣୀ ହ୍ଲାଦିନୀ ଶକ୍ତି ଜାଗ୍ରତ ନ ହେଲେ ବୃନ୍ଦାବନ ଲୀଳାର ଆସ୍ୱାଦନ ଜୀବ କରିପାରିବ ନାହିଁ। ଏହି ଭଗବତ୍ ପ୍ରେମ କେବଳ ମୁକ୍ତିଲାଭ ପରେ ମିଳିପାରେ। ସାଂସାରିକ ଲୀଳାରୁ ମୁକ୍ତଲାଭ କଲେ ପ୍ରକୃତ ପ୍ରେମ ମିଳିଥାଏ। ମୁକ୍ତ ଜୀବାତ୍ମା ହୃଦୟରେ ନୂତନ ଅମୃତ ପ୍ରେମ ସୃଷ୍ଟି ହୋଇଥାଏ। ଯାହାକୁ କି ବୃନ୍ଦାବନ କୁହାଯାଏ। ହ୍ଲାଦିନୀ ଶକ୍ତି ମନୋଭାବ ସ୍ୱରୂପିଣୀ ଶ୍ରୀମତୀ ହିଁ ଏହି ବୃନ୍ଦାବନର ଅଧୀଶ୍ୱରୀ। ଜୀବଜଗତ କେବଳ ରାଧାଙ୍କୁ ଖୋଜୁଛନ୍ତି। ରାଧା ଖୋଜୁଛନ୍ତି କେବଳ ଆନନ୍ଦବ୍ରହ୍ମଙ୍କୁ। ବିରହ ବିଚ୍ଛେଦ ପରେ ମିଳନ ହେଉଛି। ସୃଷ୍ଟି ଥିବା ଯାଏ ନିତ୍ୟାନନ୍ଦଙ୍କ ସହ ନିତ୍ୟ ସୁଖ ପାଇଁ ଏହି ନିତ୍ୟ ଲୀଳା ଲାଗିଥିବ, ତାକୁ କେହି ରୋକିପାରିବେ ନାହିଁ।

ଚିତ୍ ପୁରୁଷକୁ ଜାଗ୍ରତ କରିବାକୁ ହେଲେ ଚିତ୍ତଶୁଦ୍ଧି ଆବଶ୍ୟକ। ଭଗବାନଙ୍କ ନିମିତ୍ତ ଏଥିପାଇଁ ସାଧକ ମନ ପ୍ରାଣ ସମର୍ପଣ କରିଦେବା ଉଚିତ। ପ୍ରକୃତିର ଯେ ହିଁ ଭର୍ତ୍ତା ସେ ହେବ ସାଧକ ଜୀବନର ଦେବତା। ଶ୍ରୀ ଅରବିନ୍ଦଙ୍କ ପୁରୁଷୋତ୍ତମ ତତ୍ତ୍ୱ ହିଁ ଏହି ତଥ୍ୟ ଦେଇଥାଏ। ଜୀବ ଭଗବାନଙ୍କୁ ପାଇସାରିବା ପରେ ସୋଽହଂରେ ପରିଣତ ହୁଏ। ସାଧକ ପ୍ରେମ ପ୍ରୀତି ବଳରେ ହିଁ ଭଗବାନଙ୍କୁ ପାଇପାରିବ। ଭଗବାନଙ୍କୁ ପାଇବା ପାଇଁ କଠିନ ସାଧନା କରିପାର। ମାତ୍ର ପ୍ରେମ ପ୍ରୀତି ବଳରେ ତାଙ୍କୁ ପାଇବା ଅତି ସହଜ। ତାଙ୍କ କଥା ସବୁବେଳେ ଭାବ ଏବଂ ତାଙ୍କ ନାମ ଶ୍ରବଣରେ ତୁମ ଦେହ ପୁଲକିତ କର। ଏହା ହିଁ ତତ୍ତ୍ୱ ରାଜ୍ୟର ପ୍ରେମ ତତ୍ତ୍ୱ। ଅବତାର ସ୍ୱରୂପୀ ଶ୍ରୀ ଚୈତନ୍ୟ ଦେବ ଏହା ହିଁ ଜଗତବାସୀଙ୍କୁ ଶିଖାଇଥିଲେ। ଭଗବାନଙ୍କୁ ନିଜର ଭାବି ସାଧକଙ୍କ ଅନ୍ତରରେ ଏକ ନୂଆ ଚେତନା ଉଦ୍ଭବ ହେବ। ସାଧକ ନିଜର ଅନ୍ତରରେ ଦେଖିବ ନବ ବୃନ୍ଦାବନ। ଜୀବ ଓ ବ୍ରହ୍ମଙ୍କ ଲୀଳାଭୂମି ନିତ୍ୟ ବୃନ୍ଦାବନ। ନିତ୍ୟ ଲୀଳାର ନିତ୍ୟ ପୁରୁଷ ସହିତ ସେ ଲୀଳା କରିବ। ସେତେବେଳେ ସାଧକ ଭକ୍ତି ଓ ପ୍ରେମର ଚରମସୀମାରେ ଉପନୀତ ହେବ। ଏହି ଭଳି ଭାବରେ ଜୀବ ବ୍ରହ୍ମ ସହିତ ଲୀନ ହୋଇଯିବ। ତେଣୁ ପ୍ରେମର ସାରତତ୍ତ୍ୱ ହେବ ଭାବ। ଭାବର ସାର ତତ୍ତ୍ୱ ହେବ ମହାଭାବ। ଶ୍ରୀମତୀ ରାଧିକା ହିଁ ଏହି ମହାଭାବ ସ୍ୱରୂପିଣୀ। ତେଣୁ ରାଧା ଭାବ ଜାଗ୍ରତ ହେଲେ ହିଁ ପରମ ପୁରୁଷଙ୍କ ସହିତ ନିତ୍ୟଲୀଳାରେ ସାଧକ ଲୀନ ହୋଇଯିବ। ଭଗବତ୍ ପ୍ରେମର ଶେଷ ପରିଣତି ରାଧାଭାବ ଜାଗ୍ରତ ହେବା। ଭଗବାନ ହେଉଛନ୍ତି ଅନନ୍ତ ଓ ସୌନ୍ଦର୍ଯ୍ୟର ମୂଳ। ତାଙ୍କର ସତ୍ତା ଜଗତର ପ୍ରତ୍ୟେକ ସତ୍ତାରେ ଥିବା ହେତୁ ଜୀବଜଗତ ସୌନ୍ଦର୍ଯ୍ୟମୟ। ଚିତ୍ତାକର୍ଷକ ହେଲେ ସୌନ୍ଦର୍ଯ୍ୟର ସତ୍ତା ଉପଲବ୍ଧି କରିହୁଏ ନାହିଁ। ଶିଶୁ ସୁଲଭର କୋମଳ ଚିତ୍ତ ଥିବା ବ୍ୟକ୍ତି, ମହିମାମୟ ଭାସ୍କରଙ୍କ ପ୍ରତିମୂର୍ତ୍ତି ପ୍ରତ୍ୟେକରେ ଦେଖିପାରେ।

(ସ୍ୱାମୀ ନିଗମାନନ୍ଦଙ୍କ ପ୍ରେମିକ ଗୁରୁ ଛାୟାରେ ଲିଖିତ)

ଜଳବାୟୁ ପରିବର୍ତ୍ତନର ପଞ୍ଜାରେ ଆଜିର କୃଷି

କିଶୋର ଚନ୍ଦ୍ର ଜେନା
ପୂର୍ବତନ ବରିଷ୍ଠ ଅଧିକାରୀ
(ବି.ଏସ୍.ଏନ.ଏଲ) ଓ
ଆଇନଜୀବୀ
ମୋ: ୯୪୩୭୦୪୧୩୦୦

ବର୍ତ୍ତମାନ ସମୟରେ ପୃଥିବୀରେ ଜଳବାୟୁ ପରିବର୍ତ୍ତନ ଏକ ଗମ୍ଭୀର ଏବଂ ବୈଶ୍ୱିକ ମୁଦ୍ଦାଭାବରେ ଉପସ୍ଥାପିତ ଏବଂ ସମସ୍ତଙ୍କ ଆଗରେ ବଡ଼ ଚିନ୍ତାର କାରଣ ଭାବରେ ସମସ୍ତଙ୍କୁ ବ୍ୟଥିତ ଏବଂ ଚିନ୍ତିତ କରୁଛି। ଏହି ଦୃଶ୍ୟମାନ ପରିବର୍ତ୍ତନ ନା କେବଳ ଭାରତ ଆଗରେ ଆବିର୍ଭୁତା ବଂର ପୁରା ବିଶ୍ୱକୁ ତାର ପଞ୍ଜାରେ ମାଡ଼ି ବସିଛି। ବେଳ ଥାଉଁ ଥାଉଁ ଯଦି ଆମେ ସମସ୍ତେ ମିଳି ମିଶି ପୁରା ବିଶ୍ୱ ଏହା ଉପରେ ଦୃଷ୍ଟି ନିକ୍ଷେପ ନକରିବା, ତେବେ ପୁରା ବିଶ୍ୱରେ ପ୍ରଳୟ ଅବ୍ୟଶମ୍ଭାବୀ। ଏହାର ପ୍ରଭାବରେ ପୁରା ଦୁନିଆରେ ପ୍ରବଳ ବନ୍ୟା, ମରୁଡ଼ି, କୃଷି ସଂକଟ, ଖାଦ୍ୟ ସୁରକ୍ଷା, ବିଭିନ୍ନ ପ୍ରକାର ଭୟାନକ ରୋଗ ବୃଦ୍ଧି ଆଦି ବହୁତ ସମସ୍ୟା ଜଟିଳରୁ ଜଟିଳତର ହେବାରେ ଲାଗିଛି।

ଗ୍ଲୋବାଲ କ୍ଲାଇମେଟ୍ ରିସ୍କ ଇଣ୍ଡେକ୍ସ ୨୦୨୧ ସୂଚୀ ଅନୁସାରେ ଭାରତ ପୃଥିବୀରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ଦେଶମାନଙ୍କ ଭିତରେ ଦଶମ ସ୍ଥାନରେ ସ୍ଥାନିତ। ଏହି ଜଳବାୟୁ ପରିବର୍ତ୍ତନରେ କୃଷିକ୍ଷେତ୍ର ସବୁଠାରୁ ପ୍ରଭାବିତ। କୃଷିକ୍ଷେତ୍ରରେ ହେଉଥିବା ଉଲ୍ଲେଖନୀୟ ପରିବର୍ତ୍ତନର ଦିଗ ଗୁଡ଼ିକ ହେଲା :- କୃଷିର ଉତ୍ପାଦନ ହ୍ରାସ : ଜଳବାୟୁ ପରିବର୍ତ୍ତନ ଉପରେ ଅନ୍ତ ସରକାରୀ ପେନାଲଟି (IPCC) ଦ୍ୱାରା ଆକଳିତ ସନ୍ଦର୍ଭ ଅନୁସାରେ କୃଷି ଉତ୍ପାଦନ ଲାଭ ଠାରୁ ଅଧିକ କ୍ଷତିଗ୍ରସ୍ତ ହେବ। ଭାରତରେ ୨୦୧୦-୨୦୩୯ ମଧ୍ୟରେ ଜଳବାୟୁ ପରିବର୍ତ୍ତନ କାରଣରୁ ମୋଟା ମୋଟି ୪.୫% - ୯% ପ୍ରତିଶତ ଭିତରେ ଉତ୍ପାଦନ ହ୍ରାସ ପାଇବାର ସମ୍ଭାବନା ଅଛି। ୧% ଜଳବାୟୁ ବଢ଼ିଲେ ଏହା ଗହମ ଉତ୍ପାଦନ ଉପରେ ନକରାତ୍ମକ ପ୍ରଭାବ ପକାଏ ଏବଂ ଉତ୍ପାଦନ ୧୭% କମିବାର ଆଶଙ୍କା ଥାଏ। ଯଦି ୨% ତାପମାନ ବୃଦ୍ଧି ଘଟେ, ତେବେ ଧାନ ଉତ୍ପାଦନ ୦.୭୫% ଟନ ପ୍ରତି ହେକ୍ଟେର କମ୍ ହେବାର ସମ୍ଭାବନା ଅଛି।

କୃଷି ଉତ୍ପାଦନ ଯୋଗ୍ୟ ପରିସ୍ଥିତିର ହ୍ରାସ : ଭାରତରେ ଜଳ ସ୍ରୋତର ହ୍ରାସ ଏବଂ କ୍ରମବର୍ଦ୍ଧିଷ୍ଣୁ ଜଳଭଣ୍ଡାରର ହ୍ରାସ ଯେପରି ଭାବରେ ହ୍ରାସ ପାଉଛି ସେ ପରିସ୍ଥିତିରେ ପରମ୍ପରାଗତ ଜଳସେଚିତ ଦିଗରୁ ନଜର ହଟାଇ ନୂତନ ଏବଂ ଆଧୁନିକ କମ ସମୟରେ ଉତ୍ପାଦନକ୍ଷମ ଫସଲ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ବର୍ତ୍ତମାନ ଆମେ ଆମର ପୁରୁଣା କୃଷି ପଦ୍ଧତି ଏବଂ ଆମ ଜମିରେ ଅମଳକ୍ଷମ ଜନିତ ବିହନକୁ ହରାଇ ବସିଛୁ। ଆମେ ବର୍ତ୍ତମାନ ନୂତନ ବିହନ ଯାହା କମ୍ ସମୟ ମଧ୍ୟରେ ଅମଳକ୍ଷମ ହେବ ତା'ଉପରେ ନଜର ଦେବାକୁ ପଡ଼ିବ। ଏକ ରିପୋର୍ଟ ଅନୁସାରେ ଜଳବାୟୁ ପରିବର୍ତ୍ତନ ଦ୍ୱାରା, ପ୍ରଦୂଷଣ, କୃଷି ଜମିର କ୍ରମବର୍ଦ୍ଧିଷ୍ଣୁ କ୍ଷୟ ଏବଂ ଜମିର ଉର୍ବରତା ହ୍ରାସ, ଜମି ଶୁଖିଲା ହେବାର ଦ୍ରୁତ ଅଭିବୃଦ୍ଧି, ପୃଥିବୀରେ ତିନ ଚୌଥାଇ ଭୂମି କ୍ଷେତ୍ରର ଗୁଣବତ୍ତା କମ୍ ହୋଇଯାଇଅଛି। ଦ୍ରୁତ ଶିଳ୍ପାୟନ, ପୃଥିବୀରେ ତାପମାନ ବୃଦ୍ଧି ୦.୭ଡ଼ିଗ୍ରୀ ସେଲସିୟସ ବୃଦ୍ଧି ଘଟିଛି। ଏହାଫଳରେ କେତେକ ଫସଲ ଯାହା କମ୍ ତାପମାନରେ ଅଧିକ ଅମଳ ହୁଏ, ତାହା ଉପରେ ନକରାତ୍ମକ ପ୍ରଭାବ ପକାଇବ। ସେହି ଫସଲ ଗୁଡ଼ିକ ହେଲା ଗହମ, ସୋରିଷ ଏବଂ ଆଳୁ ଆଦି ଫସଲ। ଏହା ମଧ୍ୟ ମକା, ଯବର ଏବଂ ଧାନ ଆଦି ଫସଲମାନଙ୍କର ସଂରକ୍ଷଣ ଶକ୍ତିକୁ କମାଇବା ସହିତ ଦାନା ପତଳା ଏବଂ ଅଗାଡ଼ି କରେଇବାରେ ଲାଗିଛି।

ବର୍ଷାର ପରିବର୍ତ୍ତନ : ଭାରତରେ କୃଷକ ସାଧାରଣ କୃଷି ଉତ୍ପାଦନରେ ବର୍ଷା ଉପରେ ନିର୍ଭରଶୀଳ। ବର୍ଷାର ପରିବର୍ତ୍ତନ ଯୋଗୁଁ ଏବଂ ଅଦିନିଆ ବର୍ଷାରେ ଫସଲ ହାନି ଏବଂ ଅଧିକ ବର୍ଷରେ ବନ୍ୟା ଏବଂ କମ୍ ବର୍ଷ ଯୋଗୁଁ ଜମି ଶୁଖିଲା ପଡ଼ିବା ବା ମରୁଡ଼ି ଆଦି ପରିସ୍ଥିତି ପରିଲକ୍ଷିତ ହେଉଛି। ତେଣୁ କଥାରେ ଅଛି 'ଜଳ ବିହୁନେ ସୃଷ୍ଟି ନାଶ ଜଳ ଗହଳେ ସୃଷ୍ଟି ନାଶ'ର ପରିସ୍ଥିତିର ସ୍ୱାଭାବିକ ଚିତ୍ର ପ୍ରାୟତଃ କ୍ରମାଗତ ଭାବରେ ପରିଲକ୍ଷିତ। ଏତଦ୍‌ବ୍ୟତିତ କମ୍ ବର୍ଷା ଯୋଗୁ ମଧ୍ୟ ଜମିରେ ଲବଣତା ହ୍ରାସ ପାଇବାରେ ଲାଗିଛି। ମଧ୍ୟ ଭାରତରେ ୨୦୫୦ବର୍ଷ ପର୍ଯ୍ୟନ୍ତ ଶୀତ ଏବଂ ବର୍ଷାରେ ୧୦ ରୁ ୨୦ ପ୍ରତିଶତ ପର୍ଯ୍ୟନ୍ତ କମ୍ ହେବ।

କୃଷି ଉତ୍ପାଦନ ଯୋଗ୍ୟ ପରିସ୍ଥିତିର ହ୍ରାସ : ଭାରତରେ ଜଳ ସ୍ରୋତର ହ୍ରାସ ଏବଂ କ୍ରମବର୍ଦ୍ଧିଷ୍ଣୁ ଜଳଭଣ୍ଡାରର ହ୍ରାସ ଯେପରି ଭାବରେ ହ୍ରାସ ପାଉଛି ସେ ପରିସ୍ଥିତିରେ ପରମ୍ପରାଗତ ଜଳସେଚିତ ଦିଗରୁ ନଜର ହଟାଇ ନୂତନ ଏବଂ ଆଧୁନିକ କମ ସମୟରେ ଉତ୍

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୧୯ ଜୁନ୍ ୨୦୨୪ ବୁଧବାର

ଆଭା

କେମିକାଲ ଆମ୍ବ ଖାଉଥିଲେ ହୋଇପାରେ କର୍କଟ ରୋଗ

ଗ୍ରୀଷ୍ମଋତୁ ସହ ବର୍ତ୍ତମାନ ଆମ୍ବ ସିଜିନ୍ । ଅନେକ ଲୋକ ଆମ୍ବ ଖାଇବାକୁ ବହୁତ ଭଲ ପାଆନ୍ତି ତ ଆଉ କେହି ନୁହେଁ କିନ୍ତୁ ଆପଣ ଜାଣନ୍ତି କି ଆମ୍ବରେ କିଛି ଏଭଳି ରସାୟନିକ ପଦାର୍ଥ ବ୍ୟବହାର ହେଉଥିବାରୁ କୃତ୍ରିମ ଉପାୟରେ ପ୍ରସ୍ତୁତ ହେଉଥିବା ଆମ୍ବ ଖାଇବା ସ୍ୱାସ୍ଥ୍ୟ ପ୍ରତି ହାନିକାରକ । ହେଲେ କିଛି ଏଭଳି ଉପାୟରେ ଆମ୍ବକୁ ପାଚିବାକୁ ଦିଆଯାଉଛି ଯାହାକୁ ଖାଇବା ଦ୍ୱାରା ଆପଣ କର୍କଟ ରୋଗର ଶିକାର ହୋଇପାରନ୍ତି । ଆମ୍ବ କିଣିବା ବେଳେ ନିଶ୍ଚିତ ଭାବେ ପରଖି ନିଅନ୍ତୁ ଯେ ଭାରତୀୟ ଖାଦ୍ୟ ସୁରକ୍ଷା ମାନକ ଆୟୋଗ ଦ୍ୱାରା ସ୍ଥିର ହୋଇଥିବା ମାନ ଅନୁଯାୟୀ ଆମ୍ବ ପ୍ରାକୃତିକ ଭାବରେ ପାଚିବାକୁ ଦିଆଯାଇଛି କି ନାହିଁ । ଧ୍ୟାନ ଦିଅନ୍ତୁ ଯଦି ଆପଣ ରସଯୁକ୍ତ କିଛି ଆମ୍ବ ବଜାରରୁ କ୍ରୟ କରି ଖାଉଛନ୍ତି ତେବେ ସେଥିରେ କିଛି କ୍ୟାଲସିୟମ କାର୍ବାଇଡ ଭଳି ରାସାୟନିକ ପଦାର୍ଥ ଦ୍ୱାରା ପାଚିବାକୁ ଦିଆଯାଇଥାଏ । ଏହାକୁ ଖାଇବା ସ୍ୱାସ୍ଥ୍ୟପ୍ରତି ହାନିକାରକ ହୋଇପାରେ । ଆମ୍ବକୁ ପଚାଇବାରେ ଏଭଳି କରିବାକୁ ଏଫଏସଏସଏଆଇ କଡା ନିଷେଧ କରିଛି । ଏହି ରାସାୟନିକ ପଦାର୍ଥ ସ୍ୱାସ୍ଥ୍ୟ ପ୍ରତି ଗୁରୁତର ରୋଗକୁ ଡାକି ଆଣିପାରେ । ଯଦି ପ୍ରାକୃତିକ ଉପାୟରେ ପାଚିଲା ଆମ୍ବ ଖାଉଛନ୍ତି ତେବେ ଏହା ସ୍ୱାସ୍ଥ୍ୟପ୍ରତି

ଭଲ । ଏଫଏସଏସଏଆଇର ନିର୍ଦ୍ଦେଶାବଳୀ ଅନୁଯାୟୀ ପ୍ରାକୃତିକ ଉପାୟରେ ପାଚିଥିବା ଆମ୍ବ ବଜାରରେ ବିକ୍ରି ହେବା ଜରୁରୀ । ଯଦି କିଛି ଭୁଲ ଉପାୟରେ ଆମ୍ବକୁ ପଚାଇ ବିକ୍ରି କରୁଛନ୍ତି ତେବେ ଏହାକୁ ଖାଇବାଠାରୁ ଦୂରେଇ ରୁହନ୍ତୁ । ଫଳକୁ ଶୀଘ୍ର ପାଚିବା ପାଇଁ ଆଜିକାଲି କ୍ୟାଲସିୟମ କାର୍ବାଇଡ ବ୍ୟବହାର କରାଯାଉଛି । ହେଲେ ଏହା ଶରୀର ପାଇଁ ବିପଜ୍ଜନକ ଏବଂ ଏହା କରିବା ବେଆଇନ । କାରଣ ଏହା ଫଳକୁ ବିଷାକ୍ତ କରିଥାଏ ଏବଂ ଲୋକମାନେ ସେହି ଫଳ ଖାଇବା ପରେ ଫୁସଫୁସ କର୍କଟ ଭଳି ଗୁରୁତର ରୋଗର ଶିକାର ହୋଇପାରନ୍ତି । କ୍ୟାଲସିୟମ କାର୍ବାଇଡ ବ୍ୟବହୃତ ଫଳ ଖାଇବା ଦ୍ୱାରା କାଶ ହେବା, ନିଶ୍ୱାସ ନେବାରେ କଷ୍ଟ ଅନୁଭବ କରିବା, ଛାତି ଯନ୍ତ୍ରଣା ହୋଇପାରେ । ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେଲେ ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବା ସହ ମୃତ୍ୟୁ ମଧ୍ୟ ହୋଇପାରେ ।

ପ୍ରକ୍ରିୟାକୃତ ଖାଦ୍ୟ ମସ୍ତିଷ୍କ ପାଇଁ କ୍ଷତିକାରକ

ଜେଏଏମ୍‌ଏ ନ୍ୟୁରୋଲୋଜି ଅନୁଯାୟୀ ପ୍ରକ୍ରିୟାକୃତ ଖାଦ୍ୟ ଖାଇବା ମସ୍ତିଷ୍କ ଉପରେ ଖରାପ ପ୍ରଭାବ ପକାଇଥାଏ। ଏହି ରିସର୍ଚ୍ଚରେ ଉଭୟ ପୁରୁଷ ଏବଂ ମହିଳାଙ୍କ ଉପରେ ଅନୁସନ୍ଧାନ ହୋଇଥିଲା, ଯେଉଁଥିରେ ସମାନ ଫଳାଫଳ ଦେଖିବାକୁ ମିଳିଥିଲା ପ୍ରକ୍ରିୟାକୃତ ଖାଦ୍ୟ ବିଷୟରେ କହିବାକୁ ଗଲେ ଏଥିରେ ପିଜା, ବରଗର, ପ୍ରସ୍ତୁତ ଖାଦ୍ୟ ଖାଇବା ଯେପରିକି ଫ୍ରିଜ ଭୋଜନ, ତରକାରୀ ଇତ୍ୟାଦି ସାମିଲ। ଆଜିର ସମୟରେ, ଲୋକମାନେ କେବଳ ଏପରି ଖାଦ୍ୟ ଖାଇବାକୁ ସକ୍ଷମ ଅଟନ୍ତି, ଯାହା ଶୀଘ୍ର ପ୍ରସ୍ତୁତ ହୋଇପାରିବ।

ସମୟର ଅଭାବ ହେତୁ, ଲୋକଙ୍କୁ ତାଜା ଖାଦ୍ୟ ପ୍ରସ୍ତୁତ ଏବଂ ଖାଇବାକୁ ମଧ୍ୟ ସମୟ ନାହିଁ । କିନ୍ତୁ ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ଉପରେ ଏହାର ଖରାପ ପ୍ରଭାବ ପଡିଥାଏ। ଏହି ସତ୍ୟକୁ ଆଲୋକିତ କରିବା ପାଇଁ ଗବେଷଣା କରାଯାଇଥିଲା ପ୍ରତ୍ୟେକ କୋଣରେ ଖୋଲିଥିବା ଆଉଟଲେଟ ଗୁଡିକରେ ତୁମେ ଯାହା ଅର୍ଡର କର, ତୁମର ମୋଟ କ୍ୟାଲୋରୀ ୫୦୦ରୁ ଅଧିକ ହେବ। ଏହି ବିଷୟ ଉପରେ ସୂଚନା ଦେଇଛନ୍ତି ଲକ୍ଷ୍ନୌ କେୟାର ଇନଷ୍ଟିଚ୍ୟୁଟ ଅଫ ଲାଇଫ ସାଇନ୍ସ, ଏମଡି ଚିକିତ୍ସକ ଡକ୍ଟର ସୀମା ଯାଦବ। **ପ୍ରକ୍ରିୟାକୃତ ଖାଦ୍ୟ କଣ ?** : ପ୍ରକ୍ରିୟାକୃତ ଖାଦ୍ୟ ବିଷୟରେ କହିବାକୁ ଗଲେ ଏଥିରେ ଚିପ୍ସ, ସ୍ନାକ୍ସ, କୋଲ୍ଡ ପାନୀୟ, ଫ୍ରିଜ ପିଜା କିମ୍ବା ଫ୍ରିଜ ଖାଦ୍ୟ ଇତ୍ୟାଦି ସାମିଲ। ଏହା ବ୍ୟତୀତ ଚକୋଲେଟ୍, କାଣ୍ଡି, ଆଇସ୍କ୍ରିମ୍, ହଟଡଗ୍, ଚିକେନ ନାଗେଟ ମଧ୍ୟ ପ୍ରକ୍ରିୟାକୃତ ଖାଦ୍ୟରେ ଆସେ। ଅଲଟ୍ରାପ୍ରୋସେସିଡ ଖାଦ୍ୟରେ କ୍ୟାଲୋରୀ ଅଧିକ, ଯାହା ମେଦବହୁଳତା, ହୃଦ ରୋଗ, ମଧୁମେହ ଇତ୍ୟାଦି ରୋଗର ଆଶଙ୍କା ବଢ଼ିଥାଏ। **ପ୍ରକ୍ରିୟାକୃତ ଖାଦ୍ୟ ମସ୍ତିଷ୍କକୁ ଦୁର୍ବଳ କରିଥାଏ :** ଏହି ଅନୁସନ୍ଧାନରେ, ଯେଉଁମାନେ ପ୍ରକ୍ରିୟାକୃତ ଖାଦ୍ୟ ଖାଉଥିଲେ, ସେମାନଙ୍କର ଚିନ୍ତା କରିବାର ଏବଂ ବୁଝିବାର କ୍ଷମତା ଅଧିକ ହ୍ରାସ ପାଇଥିବାର ଦେଖାଯାଇଥିଲା। ଅନୁସନ୍ଧାନରେ ଏହା ମଧ୍ୟ କୁହାଯାଇଛି ଯେ ଯେଉଁମାନେ ଦୈନିକ କ୍ୟାଲୋରୀରେ ୨୦ ପ୍ରତିଶତରୁ ଅଧିକ ପ୍ରକ୍ରିୟାକୃତ ଖାଦ୍ୟ ଖାଆନ୍ତି, ସେମାନେ ଗୁରୁତର ରୋଗର ଶିକାର ହୋଇପାରନ୍ତି। ଅନୁସନ୍ଧାନରେ କୁହାଯାଇଛି ଯେ ପ୍ରକ୍ରିୟାକୃତ ଖାଦ୍ୟ ଆମ ମସ୍ତିଷ୍କ ପାଇଁ କ୍ଷତିକାରକ। ଅଧ୍ୟୟନ ଅନୁଯାୟୀ, ଆମର ନିଷ୍ପତ୍ତି ନେବା କ୍ଷମତା ଉପରେ ଏହାର ସିଧାସଳଖ ପ୍ରଭାବ ପଡିଥାଏ। ପ୍ରକ୍ରିୟାକୃତ ଖାଦ୍ୟ ଖାଦ୍ୟର ଗୁଣବତ୍ତା ମଧ୍ୟ ହ୍ରାସ କରେ। ଏହି କାରଣରୁ, ଆମ ଶରୀର ଖାଇବା ପରେ ମଧ୍ୟ ପୁଷ୍ଟିକର ଖାଦ୍ୟ ପାଇ ନଥାଏ। ଅନୁସନ୍ଧାନରେ ଏହା ମଧ୍ୟ ପ୍ରକାଶ ପାଇଛି ଯେ ଉତ୍ତମ ଗୁଣାତ୍ମକ ଖାଦ୍ୟ ସହିତ ପ୍ରକ୍ରିୟାକୃତ ଖାଦ୍ୟ ଖାଇବା ମଧ୍ୟ ମସ୍ତିଷ୍କ ଉପରେ ଖରାପ ପ୍ରଭାବ ପକାଇଥାଏ ଏବଂ ଖାଦ୍ୟର ପୁଷ୍ଟିକର ଖାଦ୍ୟ ମଧ୍ୟ କମିଯାଏ। ଏହି ଅଧ୍ୟୟନ ପାଇଁ ଦଶ ହଜାର ଲୋକଙ୍କୁ ସାମିଲ କରାଯାଇଥିଲା, ଯାହା ଉପରେ ଗତ ୧୦ ବର୍ଷ ଧରି ଅନୁସନ୍ଧାନ କରାଯାଉଥିଲା। ଏହି ଲୋକଙ୍କ ବୟସ ୫୧ ବା ତାଠାରୁ କମ ଥିଲା। ମନର ଦକ୍ଷତା ପରୀକ୍ଷା କରିବାକୁ ଡାକ୍ତରମାନେ ଶବ୍ଦ ଚିହ୍ନିବା, ମୋକ ପରୀକ୍ଷା, ଶବ୍ଦ ପ୍ରତ୍ୟାହାର ପରୀକ୍ଷା ନେଇଥିଲେ। ସାନ ଡିଏଗୋରେ ୨୦୨୨ ଆଲଜାଇମର ଆସୋସିଏସନ ଆନ୍ତର୍ଜାତୀୟ ସମ୍ମିଳନୀରେ ଏହି ଅଧ୍ୟୟନ ଉପସ୍ଥାପିତ ହୋଇଥିଲା। ଅଧ୍ୟୟନରେ ଆହୁରି ମଧ୍ୟ କୁହାଯାଇଛି ଯେ ଯୁକ୍ତରାଷ୍ଟ୍ର ଆମେରିକାରେ ୪୮ ପ୍ରତିଶତ କ୍ୟାଲୋରୀ, ବ୍ରିଟିଶ ନାଗରିକଙ୍କ ଦ୍ୱାରା ୫୬.୮ ପ୍ରତିଶତ କ୍ୟାଲୋରୀ ଏବଂ କାନାଡିୟମାନଙ୍କ ଦ୍ୱାରା ଖାଉଥିବା ୪୮ ପ୍ରତିଶତ କ୍ୟାଲୋରୀ ପ୍ରକ୍ରିୟାକୃତ ଖାଦ୍ୟରୁ ଆସିଥାଏ। ତେଣୁ ଏହାକୁ ଖାଇବା ଠାରୁ ଦୂରେଇ ରହିବାକୁ ଡାକ୍ତର ପରାମର୍ଶ ଦେଇଥିଲେ।

ରସୁଣ ଖାଇଲେ ଆଉ ରହିବନି ଘୁଙ୍ଗୁଡି ସମସ୍ୟା

ଅନେକ ଲୋକେ ଶୋଇବା ସମୟରେ ଖୁବ୍ ଜୋରରେ ଘୁଙ୍ଗୁଡି ମାରିଥାଆନ୍ତି। ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ କିଛି ଘରୋଇ ଉପାୟ ପ୍ରତି ଧ୍ୟାନ ଦିଅନ୍ତୁ.. ପୁଦିନା ପତ୍ରର ତେଲକୁ ଉଷୁମ ପାଣିରେ ପକାଇ ଗାର ଗେଲ୍ (ଗଳଗଳ)କରନ୍ତୁ। ଏହାକୁ ନିୟମିତ କରିବା ଦ୍ୱାରା ଘୁଙ୍ଗୁଡି ସମସ୍ୟା କମ୍ ହୋଇଥାଏ। ପୁଦିନାପତ୍ରର ଚା' ତିଆରି କରି ମଧ୍ୟ ପିଇପାରିବେ। ଏହା ମଧ୍ୟ ଲାଭଦାୟକ। ଏକ ଗ୍ଲାସ ପାଣିରେ ଅଳ୍ପ କିଛି ଡାଲଚିନି ଗୁଣ୍ଡ ମିଶାନ୍ତୁ। ଏହାକୁ ପିଅନ୍ତୁ। ଏହା ମଧ୍ୟ ଘୁଙ୍ଗୁଡି ସମସ୍ୟାକୁ ଦୂର କରିଥାଏ। ରାତିରେ ଶୋଇବା ପୂର୍ବରୁ ଗୋଟିଏ ରସୁଣ ଖାଇ ଅଳ୍ପ ଉଷୁମ ପାଣି ପିଅନ୍ତୁ।

ଅଂଶୁଘାତରେ ସୁସ୍ଥ ତ୍ୱଚା ପାଇଁ ହେଲଥ ଟିପ୍ସ

ଖରାଦିନ ହେଉ କି ଶୀତଦିନ ଚର୍ମ ରୋଗ ସମସ୍ତଙ୍କ ପାଇଁ ଏକ ସାଧାରଣ ରୋଗର ସମସ୍ୟା ଭାବେ ଉଭା ହୋଇଛି । ତେବେ କାହିଁକି ହୋଇଥାଏ ଚର୍ମ ରୋଗ, ଯଦି ଆପଣ ଏହି ରୋଗର ଶିକାର ହୋଇଛନ୍ତି ତେବେ କ'ଣ ଖାଇବେ କ'ଣ ନାହିଁ ଏବଂ କ'ଣ ଏହାର ପ୍ରତିକାର ଚାଲନ୍ତୁ ଜାଣିବା । ବର୍ତ୍ତମାନ ସମୟରେ ସମସ୍ତେ ହେଲଦି ଓ ଫିଟ ରହିବାକୁ ଚାହୁଁଛନ୍ତି। ସେଥିପାଇଁ ଯୋଗ ଓ ବ୍ୟାୟମ କରିବା ଏବଂ ଖାଦ୍ୟପେୟ ଉପରେ ବିଶେଷ ଧ୍ୟାନ ଦେବା ଜରୁରୀ । ଖରା ଓ ତାତି ବଢୁଥିବାରୁ ଚର୍ମ କଳା ପଡିବା ବ୍ରଣ ହେବା ଇତ୍ୟାଦି ସମସ୍ୟା ଦେଖାଯାଇଥାଏ । ଛୋଟ ପିଲାଙ୍କ କ୍ଷେତ୍ରରେ ମଧ୍ୟ ଏହି ସମସ୍ୟା ଦେଖାଯାଉଛି । କାରଣ ସେମାନଙ୍କର ହଜମ ପ୍ରକ୍ରିୟା ବିଗିଡିବାରେ ଲାଗିଛି । ତ୍ୱଚା ଶୁଷ୍କ ହୋଇଗଲେ ସେଥିରେ ମଶ୍ଚରାଇଜର ଲଗାଇବାକୁ ଭୁଲନ୍ତୁ ନାହିଁ । ଆମର ଜୀବନଶୈଳୀ ପ୍ରଭାବ ତ୍ୱଚା ଉପରେ ପଡିଥାଏ । ଖାଇବା, ପିଇବା ଏବଂ ଶୋଇବାରେ ଅନିୟମିତତା ଯୋଗୁ ପ୍ରାୟ ସବୁ ବର୍ଗର ଲୋକେ ଚର୍ମ ଜନିତ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ତେବେ ବ୍ରଣ ନହେବା ପାଇଁ ଆମେ କିପରି ଖାଦ୍ୟ



ଖାଇବା ଜରୁରୀ ତାହା ଜାଣିବା ନିହାତି ଆବଶ୍ୟକ । ପାଉଡର ଖାଦ୍ୟ ଖାଇବାଠୁ ଦୂରେଇ ରୁହନ୍ତୁ । ଯେପରିକି ବେସନ, ଚାଉଳ ଚୂନା ପିଠା, ଅଟା ଓ ମଇଦା ତିଆରି ଖାଦ୍ୟଠୁ ଦୂରେଇ ରୁହନ୍ତୁ । ସବୁବେଳେ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ । ଉଷୁନା ଭାତ, ମୁଗ ଡାଲି, ସବୁଜ ପରିବା, ପୋଟଳ, ଜହ୍ନା, ପାଳଙ୍ଗ, ସଜନା ଛୁଇଁ, ଶାଗ, କଲରା, ମେଥି ଏସବୁ ଶାନ୍ତି କରିବା ପରିବା। ଏସବୁ ଖାଇବା ଦ୍ୱାରା ଆପଣ ସୁସ୍ଥ ରହିବା ସହ ତ୍ୱଚା ମଧ୍ୟ ସୁସ୍ଥ ରହିବ । ଆମିଷ, ରାଗ, ଖଟା ଓ ତୈଳ ଜାତୀୟ ଖାଦ୍ୟ ଖାଆନ୍ତୁନାହିଁ । ଏହା ପିତ ବଢାଇବା ଖାଦ୍ୟ ହୋଇଥିବାରୁ ଏସବୁ ଖାଇଲେ ତ୍ୱଚା ଉପରେ ଖରାପ ପ୍ରଭାବ ପଡିବା ସହ ବ୍ରଣ ହେବାର କାରଣ ପାଲଟିଥାଏ । କିଛି ଜଣଙ୍କ ବ୍ରଣ ହେବା ପରେ ମୁହଁରେ କଳାଦାଗ ପଡିଥାଏ । ଏହାକୁ କମାଇବା ପାଇଁ ରାତିରେ ଜାଇଫଳ ବାଟି ଓ କଞ୍ଚା କ୍ଷୀର ଲଗାନ୍ତୁ । ଟାଣ ଖରାରେ ବାହାରକୁ ବାହାରନ୍ତୁ ନାହିଁ । ଝାଞ୍ଜିପବନ ମୁହଁରେ ବଜାନ୍ତୁ ନାହିଁ । ଯଦି ଖରାରେ କେଉଁଠିକୁ ଯାଉଛନ୍ତି ତେବେ ପୁରା ହେଲମେଟ ପିନ୍ଧନ୍ତୁ। ଅତ୍ୟଧିକ ଖରାରେ ବାହାରକୁ ବାହାରିଲେ ସନ ସ୍କିନ ଲୋସନ ଲଗାଇଥାଉ । ଯଦି ଆପଣଙ୍କର ଅଏଲି ସ୍କିନ ତେବେ ଡାକ୍ତରଙ୍କ ପରାମର୍ଶ କ୍ରମେ ସନ ସ୍କିନ ଲୋସନ ଲଗାନ୍ତୁ।

ମାଛ ଏବଂ ଚିକେନ୍ ନଗେଟସରେ ଅଧିକ କ୍ୟାଲୋରୀ ରହିଥାଏ

ଉଭୟ ଚିକେନ ଓ ମାଛରେ କମ୍ ପରିମାଣର ଫ୍ୟାଟ ଓ କ୍ୟାଲୋରି ରହିଥାଏ । ଏହା ପ୍ରୋଟିନ୍ ର ଭଲ ଉତ୍ସ ମଧ୍ୟ । ଏଥିରୁ ଭିଟାମିନ, ଆଇରନ ଓ ଓମେଗା-୩ ଫ୍ୟାଟ୍ ସହିତ ଅନେକ ପୋଷଣ ମଧ୍ୟ ମିଳିଥାଏ । ତେବେ ମାଛ ଏବଂ ଚିକେନ୍ ମଧ୍ୟରୁ କେଉଁଥିରେ ଅଧିକ ପରିମାଣର ପ୍ରୋଟିନ୍ ଥାଏ ସେ ନେଇ ସବୁବେଳେ ଲୋକ ଦ୍ୱନ୍ଦରେ ପଡିଥାନ୍ତି । ଅଧିକାଂଶ ଲୋକ ଜାଣନ୍ତି ଯେ ମାଛ ଏବଂ ଚିକେନ୍ ମଧ୍ୟରେ ବହୁତ ପାର୍ଥକ୍ୟ ଅଛି । ଏହି ଦୁଇଟିର ଗଠନ, ସ୍ୱାଦ ଏବଂ ରନ୍ଧନ ପ୍ରଣାଳୀରେ ସର୍ବଦା ପାର୍ଥକ୍ୟ ରହିଥାଏ । ଉଭୟ ମାଛ ଓ ଚିକେନରେ ପ୍ରଚୁର ପରିମାଣର ପ୍ରୋଟିନ୍ ଥାଏ । କିନ୍ତୁ କେବେ କେବେ ମନକୁ ପ୍ରଶ୍ନ ଆସେ ଶରୀର ପାଇଁ କେଉଁଟା ସବୁଠୁ ଭଲ କେଉଁଥିରେ ଅଧିକ ପ୍ରୋଟିନ ଥାଏ ଇତ୍ୟାଦି । ତେବେ ଆସନ୍ତୁ ଜାଣିବା ସେ ବିଷୟରେ...

ମାଛ ଏବଂ ଚିକେନ୍ ମଧ୍ୟରେ ବହୁତ ପାର୍ଥକ୍ୟ ଅଛି । ମାଛ ନଦୀ, ସମୁଦ୍ରରୁ ଆସିଥାଏ ଏବଂ କୁକୁଡ଼ାମାନେ ସ୍ଥଳଭାଗରେ ବଢିଥାନ୍ତି । ପ୍ରଥମ ପାର୍ଥକ୍ୟ ହେଉଛି ସ୍ୱାଦ ଏବଂ ଗଠନ । ମାଛ ଚିକେନ୍ ଅପେକ୍ଷା ନରମ ଅଟେ । ଏହାର ମାଂସପେଶୀରେ ତନ୍ତୁ ଅଛି । ମାଛ ଖାଇବାବେଳେ, ସାଧାରଣତଃ କଣ୍ଟାର ଶିକାର ହେବାକୁ ପଡିଥାଏ । ଚିକେନ୍ ର ସ୍ୱାଦ ଟିକେ ଭିନ୍ନ ଅଟେ । ଚିକେନକୁ ସିଜଲିଙ୍ଗ, ସସ୍ କିମ୍ବା ମାରିନେଡ କରିକି ଖାଇଲେ ତାହାର ସ୍ୱାଦରେ ଟିକେ ଭଲ ଲାଗିଥାଏ । ଅନ୍ୟପକ୍ଷରେ, ମାଛର ସ୍ୱାଦ ଆପଣ ଖାଉଥିବା ମାଛର ପ୍ରକାର ଉପରେ ନିର୍ଭର କରେ । ଏହି ମାଛ ମିଠା ହୋଇପାରେ କିମ୍ବା ଲୁଣି ଅଥବା ତେଲିଆ ହୋଇଥାଇପାରେ।

ସେଲମନ ଏବଂ ଟୁନା ମାଛରେ କ୍ୟାଲୋରୀ ବହୁତ ଅଧିକ ପରିମାଣରେ ଥାଏ । ଏହାକୁ ଭାଜି ଖାଇବା ଦ୍ୱାରା ଶରୀରରେ ଚର୍ବି ବଢିଥାଏ । ଭଜା ମାଛ ଏବଂ ଚିକେନ୍ ନଗେଟସରେ ଅଧିକ କ୍ୟାଲୋରୀ ରହିଥାଏ । ଯଦି ଆପଣ ମାଂସାହାରୀ ତେବେ ଆପଣଙ୍କ ଖାଦ୍ୟରେ ମାଛ କିମ୍ବା ଚିକେନ୍ ଅନ୍ତର୍ଭୁକ୍ତ କଲେ ଅନେକ ସ୍ୱାସ୍ଥ୍ୟଗତ ଫାଇଦା ମିଳିଥାଏ, ଯାହା ଏକ ସନ୍ତୁଳିତ ଖାଦ୍ୟ ପାଇଁ ଆବଶ୍ୟକ । ମାଛ ଖାଇବା ଦ୍ୱାରା ଆପଣଙ୍କୁ ପ୍ରୋଟିନ୍ ମିଳିବା ସହିତ ଅନେକ ସ୍ୱାସ୍ଥ୍ୟଗତ ଫାଇଦା ମଧ୍ୟ ମିଳିଥାଏ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଲାଭ ହେଉଛି ଓମେଗା -୩ ଫ୍ୟାଟି ଏସିଡ୍, ଯାହା ଆମ ଶରୀର ପ୍ରାକୃତିକ ଭାବରେ ଉତ୍ପାଦନ କରିପାରିବ ନାହିଁ । ଏହା ଶରୀରରେ ପ୍ରଦାହ ଏବଂ ଚାପ ସ୍ତରକୁ ହ୍ରାସ କରିଥାଏ । ଯାହା ହୃଦରୋଗ ସହିତ ଅନେକ ରୋଗର ମୂଳ କାରଣ । ଅଧିକ ଫ୍ୟାଟ ଥିବା ମାଛ ଆପଣଙ୍କ ଟ୍ରାଇଗ୍ଲାଇସରାଇଡକୁ ନିୟନ୍ତ୍ରଣରେ ରଖେ ଏବଂ ଭିଟାମିନ୍ ଉ ସ୍ତରକୁ ମଧ୍ୟ ବଢାଇଥାଏ ।

ହାଡ ପାଇଁ କଳା ଗୁଡ଼ ଉପକାରୀ

ବାସ୍ତବରେ, କଳା ଗୁଡ଼ ଏକ ପାରମ୍ପାରିକ ଭାବରେ ତିଆରି ଗୁଡ଼ ଅଟେ। ଯାହା କି ଆଖୁ ରସ କିମ୍ବା ଖଜୁରୀ ରସରୁ ତିଆରି ହୋଇଥାଏ। ଏହି ଅବଧି ମଧ୍ୟରେ ଏହାକୁ ବିଶୋଧିତ କରାଯାଇପାରିବ ନାହିଁ। କିମ୍ବା ପ୍ରକ୍ରିୟାକରଣ କରିହେବ ନାହିଁ । ତା'ପରେ ଏହାକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ରଖାଯାଏ। ଏହା ଯେତେ ପୁରୁଣା ହୁଏ, ଏହାର ରଙ୍ଗ ଗାଢ଼ ହୋଇଯାଏ। ଏଥିରେ ପୁଷ୍ଟିକର ମୂଲ୍ୟ ମଧ୍ୟ ବୃଦ୍ଧି ପାଇଥାଏ। ଯେପରିକି ଲୌହ ସାମଗ୍ରୀ ପରି, ପୋଟାସିୟମ ଏବଂ ଏହାର ଡାଇୟୁରେଟିକ ଗୁଣ ବୃଦ୍ଧି ପାଏ। ତା'ପରେ ଏହାକୁ ଖାଇବା ଦ୍ୱାରା କିଛି ରୋଗ ଠାରୁ ଦୂରେଇ ରଖିବାରେ ସାହାଯ୍ୟ କରେ।

ଶୁଖିଲା କାଶ :

ଶୁଖିଲା କାଶ ହେଉଥିଲେ କଳା ଗୁଡ଼ ଖାଇବା ଦ୍ୱାରା ଅନେକ ଲାଭ ମିଳିଥାଏ। ବାସ୍ତବରେ, ଏହା ସର୍ବପ୍ରଥମେ ଫୁସଫୁସର ଫୁଲାକୁ ହ୍ରାସ କରିଥାଏ ଏବଂ ତା'ପରେ ଗଳାରେ ହେଉଥିବା ଗଡଗଡକୁ ମୁକ୍ତି ଦେଇଥାଏ। ଏହା ବ୍ୟତୀତ, ଏହା ଏକ ପ୍ରକାର ଉଷ୍ମତା ସୃଷ୍ଟି କରେ ଯାହା ଦ୍ୱାରା ବାରମ୍ବାର ହେଉଥିବା ଶୁଖିଲା କାଶରୁ ଆପଣ ଆରାମ ପାଇଁ ପାରିବେ ।

କଳା ଗୁଡ଼ରେ ଲୁହା ଭରପୂର ଥାଏ

କଳା ଗୁଡ଼ରେ ଲୁହା ଭରପୂର ହୋଇ ରହିଥାଏ। ଯେଉଁମାନେ ରକ୍ତହୀନତା ରୋଗରେ ଆକ୍ରାନ୍ତ ହେଉଛନ୍ତି ସେମାନଙ୍କ ପାଇଁ ଏହି ଗୁଡ଼ ବହୁତ ଉପକାରୀ ଅଟେ। ଏହା ଶରୀରରେ ରକ୍ତ ଅଭାବକୁ ଦୂର କରିଥାଏ ଏବଂ ପରେ ରକ୍ତହୀନତାର ଲକ୍ଷଣକୁ ହ୍ରାସ କରିଥାଏ। କେଶ ଝଡ଼ିବା କିମ୍ବା ଦୁର୍ବଳତା ଭଳି ରୋଗ ମଧ୍ୟ ନିବାରଣ କରେ। ତେଣୁ, ମହିଳାମାନେ ବିଶେଷ ଭାବରେ ଏହି ଗୁଡ଼କୁ ଖାଇବା ଉଚିତ।

କଳା ଗୁଡ଼ ହେଉଛି ଏକ ପ୍ରତିରୋଧକ ଶକ୍ତି ।

କଳା ଗୁଡ଼ ପ୍ରତିରୋଧକ ଶକ୍ତିରେ ପରିପୂର୍ଣ୍ଣ ଅଟେ ଏବଂ ଶରୀରକୁ ଋତୁକାଳୀନ ସଂକ୍ରାମକ ରୋଗରୁ ରକ୍ଷା କରିଥାଏ। ଏହି ଗୁଡ଼ର ବିଶେଷ କଥା ହେଉଛି, ଏହା ଆଣ୍ଟି-ବ୍ୟାକ୍ଟେରିଆଲ ହେବା ସହିତ ଏହା ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣରେ ମଧ୍ୟ ପରିପୂର୍ଣ୍ଣ ଅଟେ। ଏହା ଆପଣଙ୍କ ଫୁସଫୁସର ଫୁଲା ପଣକୁ ଅଟକାଇ ଥାଏ ଏବଂ ଆପଣଙ୍କୁ ସଂକ୍ରମଣରୁ ରକ୍ଷା କରିଥାଏ। ପରିବର୍ତ୍ତିତ ପାଗରେ ଥଣ୍ଡା ଏବଂ କାଶ ହେବାର ଆଶଙ୍କା କମ କରିଥାଏ ।

ହାଡ ପାଇଁ କଳା ଗୁଡ଼ ଉପକାରୀ

ଶରୀରରେ ଥିବା ହାଡ଼ ସୁସ୍ଥ ରହିବା ପାଇଁ ଆପଣ କଳା ଗୁଡ଼ ଖାଇପାରିବେ। କାରଣ ଏଥିରେ ଉତ୍ତମ ପରିମାଣର ପୋଟାସିୟମ ରହିଥାଏ ଯାହା ହାଡର ଘନତାକୁ ବଢ଼ାଇଥାଏ ଏବଂ ସେମାନଙ୍କୁ ଶକ୍ତିଶାଳୀ କରିଥାଏ, ଯାହା କି ଆପଣଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ହାଡ ସମ୍ବନ୍ଧୀୟ ରୋଗରୁ ରକ୍ଷା କରିଥାଏ। ତେଣୁ, ଏହି ସମସ୍ତ କାରଣ ପାଇଁ କଳା ଗୁଡ଼ ଖାଇବା ଉଚିତ।

ଏହି ବିଷ୍ଣୁଙ୍କ ମନ୍ଦିରରେ ଭକ୍ତଙ୍କୁ ପ୍ରସାଦ ରୂପରେ ଦିଆଯାଏ ଦୋସା

ହିନ୍ଦୁ ଧର୍ମରେ ପ୍ରସାଦ ହେଉଛି, ଭଗବାନଙ୍କ ନିକଟରେ ସମର୍ପଣ କରାଯାଉଥିବା ପବିତ୍ର ଭୋଗ। ଅଧିକାଂଶ ମନ୍ଦିରର ସ୍ୱତନ୍ତ୍ର ପ୍ରସାଦ ରହିଛି। ଯାହା ଖୁବ ପ୍ରସିଦ୍ଧ ମଧ୍ୟ। ତେବେ ଏପରି କେତେକ ମନ୍ଦିର ରହିଛି, ଯେଉଁଠାରେ କିଛି ନିଆରା ପ୍ରସାଦ ମିଳିଥାଏ। ଜାଣନ୍ତୁ ଭାରତର ସେଭଳି କିଛି ସ୍ୱତନ୍ତ୍ର ମନ୍ଦିର ବିଷୟରେ..

ତ୍ରୀଶୁରର ମଝୁବନଚେରୀରେ ଥିବା ମହାଦେବ ମନ୍ଦିରରେ ପ୍ରସାଦ ରୂପରେ ପାଠ୍ୟପୁସ୍ତକ,

30 YEARS
ସମୟ କଳିକା
ଭୁବନେଶ୍ୱର, ୧୯ ଜୁନ୍, ବୁଧବାର, ୨୦୨୪
ପୃଷ୍ଠା – ୬

ଟିମ୍ ଇଣ୍ଡିଆ ହେଡ୍ କୋଚ୍ ପାଇଁ ସାକ୍ଷାତ୍କାର ଦେଲେ ଗମ୍ଭୀର

ନୂଆଦିଲ୍ଲୀ

ଟିମ୍ ଇଣ୍ଡିଆର ଆଗାମୀ ହେଡ୍ କୋଚ୍ ହେବେ ଗୌତମ ଗମ୍ଭୀର। ଏହା ସ୍ପଷ୍ଟ ହୋଇଥିଲେ ହେଁ କୋଚ୍ ନିଯୁକ୍ତି ନେଇ ସମସ୍ତ ପ୍ରକ୍ରିୟାକୁ ଅନୁସରଣ କରୁଛି ବିସିସିଆଇ। ଏକମାତ୍ର ଆବେଦନକାରୀ ହୋଇଥିଲେ ହେଁ ଗମ୍ଭୀରଙ୍କ ସାକ୍ଷାତ୍କାର ନିଆଯାଉଛି। ମଙ୍ଗଳବାର ଗମ୍ଭୀର ବିସିସିଆଇର କ୍ରିକେଟ ପରାମର୍ଶଦାତା ସମିତି(ସିଏସି) ନିକଟରେ ସାକ୍ଷାତ୍କାର ଦେଇଛନ୍ତି। ଜୁମ୍ କଲରେ ଏହି ସାକ୍ଷାତକାର ଅନୁଷ୍ଠିତ ହୋଇଛି। ଏଥିରେ ଗମ୍ଭୀର ଏବଂ ଅଶୋକ ମଲହୋତ୍ରା ସାମିଲ ହୋଇଛନ୍ତି। ମଙ୍ଗଳବାର ଗୋଟିଏ ରାଉଣ୍ଡ ଶେଷ ହୋଇଥିବା ବେଳେ ବୁଧବାର ଆଉ ଏକ ରାଉଣ୍ଡ ହେବ। ଏହାପରେ ଆଗାମୀ ୪୮ ଘଣ୍ଟା ମଧ୍ୟରେ ଗମ୍ଭୀରଙ୍କ ନାମକୁ ନେଇ ଔପଚାରିକ ଘୋଷଣା ହୋଇପାରେ ବୋଲି କୁହାଯାଉଛି। ମେଣ୍ଟର ଭାବେ କେକେଆର୍‌କୁ ଆଇପିଏଲ୍ ୨୦୨୪ ଚାମ୍ପିୟନ କରିଥିବା ଗମ୍ଭୀରଙ୍କ ସାକ୍ଷାତ୍କାର ସିଏସି କରିଛନ୍ତି, ଯେଉଁଥିରେ ଅଶୋକ ମଲହୋତ୍ରା, ଜତିନ ପରାଞ୍ଜପେ, ସଲକ୍ଷଣା ନାଇକଙ୍କ ଭଳି ନାମ ସାମିଲ ରହିଛି।

୨୦ରେ ଭାରତ-ଆଫଗାନିସ୍ତାନ ସୁପର-୮ ମ୍ୟାଚ୍ : ଇତିହାସ ରଚିବେ ହିଟ୍‌ମ୍ୟାନ୍

ନ୍ୟୁୟର୍କ

ଭାରତୀୟ ଦଳ ଆଫଗାନିସ୍ତାନ ସହିତ ଜୁନ୍ ୨୦ରେ ଟି-୨୦ ବିଶ୍ୱକପ ୨୦୨୪ର ସୁପର ୮ ରାଉଣ୍ଡରେ ଖେଳିବ। ସୁପର ୮ ରାଉଣ୍ଡରେ ଭାରତକୁ ତିନୋଟି ମ୍ୟାଚ୍ ଖେଳିବାକୁ ପଡ଼ିବ। ସୁପର ୮ ରାଉଣ୍ଡରେ ନିଜ ଗ୍ରୁପ୍‌ରେ ଟପ୍ ୨ରେ ଶେଷ ହୋଇଥିବା ଦଳ ସେମିଫାଇନାଲରେ ପ୍ରବେଶ କରିବ। ଏଭଳି ପରିସ୍ଥିତିରେ ଟିମ୍ ଇଣ୍ଡିଆ ସୁପର ୮ ରାଉଣ୍ଡରେ ତିନୋଟି ମ୍ୟାଚ୍ ଜିତିବାକୁ ଚେଷ୍ଟା କରିବ। ଏଥି ସହିତ ସୁପର ୮ରାଉଣ୍ଡରେ ଭାରତର ହିଟ୍‌ମ୍ୟାନ ରୋହିତ ଶର୍ମା ଇତିହାସ ସୃଷ୍ଟି କରିବାର ସୁଯୋଗ ପାଇବେ। ରୋହିତ ଏକ ବିଶ୍ୱ ରେକର୍ଡ ସୃଷ୍ଟି କରିବାକୁ ନିକଟତର। ଯଦି ସୁପର ୮ ରାଉଣ୍ଡ ସମୟରେ ରୋହିତ ଶର୍ମା ୬ଟି ଛକା ମାରିବାରେ ସଫଳ ହୁଅନ୍ତି, ତେବେ ସେ ଟି-୨୦ରେ ୨୦୦ ଛକା ମାରି ବିଶ୍ୱର ଏକମାତ୍ର ବ୍ୟାଟ୍‌ମ୍ୟାନ ହେବେ। ଅଦ୍ୟାବଧି ଭାରତୀୟ ଅଧିନାୟକ ଅନ୍ତର୍ଜାତୀୟ ଟି-୨୦ରେ ୧୯୪ ଛକା ମାରିବାରେ ସଫଳ

ହୋଇଛନ୍ତି। ରୋହିତ ଏପର୍ଯ୍ୟନ୍ତ ୧୫୪ ମ୍ୟାଚ୍‌ରେ ୧୯୪ ଛକା ମାରିଛନ୍ତି। ଏଥି ସହିତ ରୋହିତ ହେଉଛନ୍ତି ଏମିତି ବ୍ୟାଟ୍‌ମ୍ୟାନ ଯିଏ ଅନ୍ତର୍ଜାତୀୟ ଟି-୨୦ରେ ସର୍ବାଧିକ ଛକା ମାରିଛନ୍ତି, କିନ୍ତୁ ୨୦୦ ଛକା ପୂରଣ କରି ହିଟମ୍ୟାନ୍ ନିଶ୍ଚିତ ଭାବେ ବିଶ୍ୱ କ୍ରିକେଟରେ ଏକ ନୂଆ ଇତିହାସ ଲେଖିବେ।

ଏହା ବ୍ୟତୀତ ଯଦି ସୁପର ୮ ରାଉଣ୍ଡରେ ରୋହିତ ଶର୍ମା ଏକ ଶତକ ହାସଲ କରିବାରେ ସଫଳ ହୁଅନ୍ତି, ତେବେ ଏହା ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରର ୪୯ତମ ଶତକ ହେବ। ଏହା କରି ରୋହିତ ରାହୁଲ ଦ୍ରାବିଡ୍‌ଙ୍କୁ ପଛରେ ପକାଇବେ। ରାହୁଲ ଦ୍ରାବିଡ଼ ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରରେ ୪୮ ଶତକ ହାସଲ କରିଛନ୍ତି। ଏଥି ସହିତ ରୋହିତ ରାହୁଲ ଦ୍ରାବିଡ଼ଙ୍କ ସହ ସମାନ। ଅନ୍ତର୍ଜାତୀୟ କ୍ରିକେଟରେ ଅଧିକାଂଶ ଶତାବ୍ଦୀ ସ୍କୋର କରିବାର ସଫଳତା ସଚିନ ତେନ୍ଦୁଲକରଙ୍କ ନାମରେ, ତେନ୍ଦୁଲକର ୧୦୦ ଶତକ ହାସଲ କରିଛନ୍ତି। ବିରାଟ କୋହଲି ଅନ୍ତର୍ଜାତୀୟ କ୍ରିକେଟରେ ୮୦ ଶତକ ହାସଲ କରିଛନ୍ତି। ଏଥି ସହିତ ରୋହିତ ଏବଂ ଦ୍ରାବିଡ଼ ବର୍ତ୍ତମାନ ସେମାନଙ୍କ ନାମରେ ୪୮ ଶତକ ହାସଲ ହୋଇଛନ୍ତି, ଅର୍ଥାତ୍ ରୋହିତ ଶର୍ମା ମଧ୍ୟ ଅନ୍ତର୍ଜାତୀୟ କ୍ରିକେଟରେ ଭାରତ ପାଇଁ ସର୍ବାଧିକ ଶତକ ହାସଲ କରିଥିବା ତୃତୀୟ ବ୍ୟାଟ୍‌ମ୍ୟାନ ହୋଇପାରନ୍ତି।

ଟି-୨୦ ବିଶ୍ୱକପ୍ : ସୁପର-୮ରେ ଆଜି...

ଆମେରିକା ବନାମ ଦକ୍ଷିଣ ଆଫ୍ରିକା
ଇଂଲଣ୍ଡ ବନାମ ୱେଷ୍ଟଇଣ୍ଡିଜ୍

କୋହଲି ଓ ରୋହିତଙ୍କ ଫର୍ମ ନେଇ ମୁହଁ ଖୋଲିଲେ ସଞ୍ଜୟ ମଞ୍ଜରେକର

ନୂଆଦିଲ୍ଲୀ

୨୦୨୪ ଟି-୨୦ ବିଶ୍ୱକପ୍‌ରେ ବିରାଟ କୋହଲିଙ୍କ ଫର୍ମ ନେଇ ଅନେକ ପ୍ରଶ୍ନ ଉଠୁଛି। ଏମିତିକି ଫ୍ୟାନ୍ସମାନେ ତାଙ୍କର ଖେଳ ନେଇ ଅନେକ ସମାଲୋଚନା କରୁଛନ୍ତି। ଲିଗ୍ ପର୍ଯ୍ୟାୟରେ ତାଙ୍କ ବ୍ୟାଟ୍ ଗୋଟିଏ ବାଉଣ୍ଡରୀ ହୋଇଛି। ରୋହିତ ଶର୍ମା ବି ସେମିତି ବଡ଼ ଇନିଂସ ଖେଳିପାରିନାହାନ୍ତି।

ଏହି ସମୟରେ ମୁହଁ ଖୋଲିଛନ୍ତି, ପୂର୍ବତନ ଭାରତୀୟ କିମ୍ବଦନ୍ତୀ ସଞ୍ଜୟ ମଞ୍ଜରେକର। ରୋହିତ ଏବଂ କୋହଲିଙ୍କ ବିଷୟରେ ଦେଇଛନ୍ତି ବଡ଼ ବିବୃତ୍ତି। ସଞ୍ଜୟ ମଞ୍ଜେରକର ବିଶ୍ୱାସ କରନ୍ତି ଯେ ଯଦି ବିରାଟ କୋହଲି ଏବଂ ରୋହିତ ଶର୍ମା ୨୦୨୪ ଟି-୨୦ ବିଶ୍ୱକପ୍ର ସେମିଫାଇନାଲ କିମ୍ବା ଫାଇନାଲ ଭଳି ବଡ଼ ମ୍ୟାଚ୍‌ରେ ନିର୍ଣ୍ଣାୟକ ଇନିଂସ ଖେଳନ୍ତି, ତେବେ ଲିଗ୍ ପର୍ଯ୍ୟାୟରେ

ସେମାନଙ୍କର ଖରାପ୍ ପ୍ରଦର୍ଶନ ଗଣନୀୟ ହେବନି।

କହିବାକୁ ଗଲେ ବର୍ତ୍ତମାନ ପର୍ଯ୍ୟନ୍ତ କୋହଲି କ୍ରିକେଟ୍ ମହାକୁମ୍ଭରେ ତିନୋଟି ମ୍ୟାଚ୍ ଖେଳିଛନ୍ତି। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ସେ ଦୁଇ ଅଙ୍କ ବିଶିଷ୍ଟ ସ୍କୋର କରିପାରିନାହାନ୍ତି। ସଞ୍ଜୟ ମଞ୍ଜରେକର କହିଛନ୍ତି, 'ଯଦି ଆପଣ ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ଭଳି ଖେଳାଳି ଚୟନ କରନ୍ତି। ତେବେ ଆପଣ ଅଭିଜ୍ଞତାକୁ ପ୍ରାଧାନ୍ୟ ଦେଇଛନ୍ତି।

ଆପଣ ଆପଣଙ୍କ ଅଭିଜ୍ଞ ଖେଳାଳିମାନଙ୍କୁ ବିଶ୍ୱକପ୍‌କୁ ନେବାକୁ ଚାହୁଁଛନ୍ତି, ଯାହା ଦ୍ୱାରା ସେମାନେ ସେତେବେଳେ ଭଲ ପ୍ରଦର୍ଶନ କରିପାରିବେ। ଯେତେବେଳେ ଏହା ପ୍ରକୃତରେ ଆବଶ୍ୟକ ହୁଏ, ତେଣୁ ମୋର କୌଣସି ଅସୁବିଧା ନାହିଁ ଯେ ଏହି ଖେଳାଳିମାନଙ୍କ ମଧ୍ୟରୁ କେତେକ ଫର୍ମରେ ନାହାନ୍ତି ଏବଂ ଦଳକୁ ସେମିଫାଇନାଲ କିମ୍ବା ଫାଇନାଲ ବିଜେତା କରନ୍ତି। ସେ ଆହୁରି ମଧ୍ୟ କହିଛନ୍ତି, 'ଯଦି ଆପଣଙ୍କର କୌଣସି ଯୁବ ଖେଳାଳି ଭଲ ପ୍ରଦର୍ଶନ କରନ୍ତି ତେବେ ଏହା ଆପଣଙ୍କ ପାଇଁ ଏକ ବୋନସ ଅଟେ।'

ଯେପରି ୧୯୯୨ ମସିହାରେ ବିଶ୍ୱକପ୍‌ରେ ପାକିସ୍ତାନ ପାଇଁ ଇନଜାମାମ ଉଲ୍ ହକ୍ କରିଥିଲେ। ସିନିୟର ଖେଳାଳିମାନେ ଯୋଗଦାନ କରିବା ଉଚିତ ଏବଂ ମୁଁ ଭାବୁଛି ଏହାର କାରଣ ହେଉଛି ଚୟନ କମିଟି ଟି-୨୦ ବିଶ୍ୱକପ୍ ପାଇଁ ଅଭିଜ୍ଞତାକୁ ପ୍ରାଧାନ୍ୟ ଦେଇଛି। ଯୁବ ଅଲରାଉଣ୍ଡର ଶିବମ୍ ଦୁବେ ଆଇପିଏଲ ୨୦୨୪ରେ ଚମତ୍କାର ପ୍ରଦର୍ଶନ କରିଥିଲେ।

ଆଇପିଏଲରେ ତାଙ୍କ ଦୃଢ଼ ପ୍ରଦର୍ଶନ ଆଧାରରେ ସେ ଟି-୨୦ ବିଶ୍ୱକପ୍ ଦଳରେ ସ୍ଥାନ ପାଇଥିଲେ। ତେବେ ଏପର୍ଯ୍ୟନ୍ତ ସେ ଟି-୨୦ ବିଶ୍ୱକପ୍‌ରେ ଆଶା କରାଯାଉଥିବା ପରି ପ୍ରଦର୍ଶନ କରିପାରି ନାହାନ୍ତି। କିନ୍ତୁ ବଳକା ମ୍ୟାଚ୍‌ରେ ଏହି ଅଲରାଉଣ୍ଡରଙ୍କ ଠାରୁ ଭଲ ପ୍ରଦର୍ଶନ ଆଶା କରନ୍ତି ସଞ୍ଜୟ ମଞ୍ଜରେକର।

ଟି-୨୦ରେ ବିଶ୍ୱରେକର୍ଡ କଲେ ଲୋକି ଫର୍ଗୁସନ୍

ତ୍ରିନିଦାଦ

ଲୋକି ଫର୍ଗୁସନଙ୍କ ବିଶ୍ୱ ରେକର୍ଡ ସହିତ ଅନ୍ତିମ ଗ୍ରୁପ୍ ମ୍ୟାଚ୍‌ରେ ପପୁଆ ନ୍ୟୁ ଗିନି(ପିଏନ୍‌ଜି)କୁ ୭ ଉଇକେଟରେ ପରାସ୍ତ କରିଛି।

ନ୍ୟୁଜିଲାଣ୍ଡ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ପିଏନ୍‌ଜି ୧୯.୪ ଓଭରରେ ୭୮ ରନ୍ କରି ଅଲଆଉଟ ହୋଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ୧୨.୨ ଓଭରରେ ୩ ଉଇକେଟ ବିନିମୟରେ ୭୯ ରନ୍ କରି ଜିତି ନେଇଥିଲା। ପିଏନ୍‌ଜି ପକ୍ଷରୁ ଚାଲର୍‌ସ ଅମିନି ୧୭, ନର୍ମାନ ଭନୁଆ ୧୪ ଓ ସେସେ ବାଉ ୧୨ ରନ୍ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଲୋକି ଫର୍ଗୁସନ ୩, ଟ୍ରେଣ୍ଟ ବୋଲ୍ଟ, ଟିମ୍ ସାଉଦି ଓ ଇଶ ସୋଧୀ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ନ୍ୟୁଜିଲାଣ୍ଡ ପକ୍ଷରୁ ଡେଭନ୍ କନ୍‌ୱେ ୩୫, କେନ୍ ୱିଲିୟମସନ୍ ୧୮ ଓ ଡାରିଲ୍ ମିଚେଲ୍ ୧୯ଅ ରନ୍ କରିଥିଲେ। ପିଏନ୍‌ଜି ପକ୍ଷରୁ କାବୁଆ ମୋରେଆ ୨, ସେମୋ କାମେୟା ୧ ଉଇକେଟ ନେଇଥିଲେ।

ଫର୍ଗୁସନଙ୍କ ବିଶ ରେକର୍ଡ: ଟି୨୦ ବିଶ୍ୱକପରେ ମିତବ୍ୟୟୀ ବୋଲିଂ କରିବାର ରେକର୍ଡ କରିଛନ୍ତି ନ୍ୟୁଜିଲାଣ୍ଡର ଲୋକି ଫର୍ଗୁସନ୍। ସେ ବୋଲିଂ କରିଥିବା ସମସ୍ତ ୪ଓଭର ମେଡେନ୍ ରହିଥିଲା। ବିଶ୍ୱର ଦଶମ ଖେଳାଳି ଭାବରେ ସେ ଏଭଳି କାରନାମା କରିଛନ୍ତି। ତେବେ କାନାଡ଼ା ଅଧିନାୟକ ସାଦ୍ ବିନ୍ ଜାଫର ଓ ଫର୍ଗୁସନ୍ ୪ ଓଭର କୋଟା ସମ୍ପୂର୍ଣ୍ଣ କରିଛନ୍ତି। ସାଦ୍ ବିନ୍ ଜାଫର ୨୦୨୧ରେ ପାନାମା ବିପକ୍ଷରେ କୌଣସି ରନ୍ ବ୍ୟୟ ନ କରି ୨ ଉଇକେଟ ନେଇଥିଲେ। ତେବେ ଏକ ବିଶ୍ୱକପ ମ୍ୟାଚ୍‌ରେ ଏଭଳି କୃତୀତ୍ୱ ହାସଲ କରିବାରେ ଲୋକି ଫର୍ଗୁସନ୍ ପ୍ରଥମ ଖେଳାଳି ପାଲଟିଛନ୍ତି। ସେ ନିଜ ୪ ଓଭର କୋଟାରେ ସେ ଅସଦ ଭାଲା, ଚାଲର୍‌ସ ଆମିନି ଓ ଚାଦ ସୋପରଙ୍କୁ ଆଉଟ କରିଥିଲେ।

ନୂତନ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀଙ୍କ ସହ ବିଭାଗୀୟ ଅଧିକାରୀଙ୍କ ସୌଜନ୍ୟମୂଳକ ସାକ୍ଷାତ

ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ

ଓଡ଼ିଶା ସରକାରଙ୍କ ନୂତନ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ଶ୍ରମ ଓ କର୍ମଚାରୀ ରାଜ୍ୟବୀମା ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆଙ୍କ ସହ ସ୍ଥାନୀୟ ବନ ବିଭାଗ ବିଶ୍ରାମଗୃହଠାରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଓ ବରିଷ୍ଠ ବିଭାଗୀୟ ଅଧିକାରୀମାନେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସାହୁ ବିଭାଗ ପକ୍ଷରୁ ମନ୍ତ୍ରୀ ଶ୍ରୀ ସିଂ ଖୁଣ୍ଟିଆଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇବା ସହ ବିଭାଗର ବିଭିନ୍ନ କାର୍ଯ୍ୟଧାରା ଓ ବରିଷ୍ଠ ଅଧିକାରୀମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ରାଜ୍ୟ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ତେଣୁ ଅଧିକାରୀମାନଙ୍କଠାରୁ ମନ୍ତ୍ରୀ ଶ୍ରୀ ସିଂ ଖୁଣ୍ଟିଆ ଆନ୍ତରିକ ସହଯୋଗ କାମନା କରିଥିଲେ । ଏହି ସୌଜନ୍ୟ ସାକ୍ଷାତ ସମୟରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବନବାହିନୀ ମୁଖ୍ୟ ଦେବୀଦତ୍ତ ବିଶ୍ୱାଳ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ସୁଶାନ୍ତ ନନ୍ଦ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପ୍ରକଳ୍ପ) ଡ. ମିତା ବିଶ୍ୱାଳ, ନିର୍ଦ୍ଦେଶକ, ପରିବେଶ ତଥା ସ୍ୱତନ୍ତ୍ର ଶାସନ ସଚିବ ଡ. କେ. ମୁରୁଗେସନ, ମୁଖ୍ୟ ବନ ସଂରକ୍ଷକ(ବନପ୍ରାଣୀ) ତଥା ନିର୍ଦ୍ଦେଶକ, ନନ୍ଦନକାନନ ମନୋଜ ନାୟର, ଅତିରିକ୍ତ ଶାସନ ସଚିବ ଦେବେନ୍ ପ୍ରଧାନ, ଅତିରିକ୍ତ ଶାସନ ସଚିବ ଧରମ ହାଁସଦା, ଅତିରିକ୍ତ ଶାସନ ସଚିବ ଉଷାରାଣୀ ଦାସ, ଅତିରିକ୍ତ ଶାସନ ସଚିବ ଏ.କେ. ପଟ୍ଟନାୟକ, ବିତ୍ତ ପରାମର୍ଶଦାତା କଲ୍ୟାଣୀ ମଲ୍ଲୀ ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

ଦେଶରେ ରେଳ ଦୁର୍ଘଟଣା ବୃଦ୍ଧି ପାଉଛି : ବର୍ଷକୁ ୭୧

ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ

ବାହାନଗାରେ କରମଣ୍ଡଳ ରେଳ ଦୁର୍ଘଟଣା ଦୁଃଖ ମନରୁ ଲିଭିନାହିଁ। ଏଭଳି ଏକ ମର୍ମନ୍ତୁଦ ରେଳ ଦୁର୍ଘଟଣାର ତଦନ୍ତ ସିବିଆଇ କରୁଥିବା ବେଳେ ୩ କର୍ମଚାରୀ ଦାୟିତ୍ୱରେ ଅବହେଳା କରିଥିବାରୁ ମୋନଙ୍କୁ ଗିରଫ କରି ଜେଲ୍ ପଠାଇ ଦିଆଯାଇଛି।

୧୯୯୫ ଅଗଷ୍ଟ ୨୦ : ଉତ୍ତର ପ୍ରଦେଶର ଫିରୋଜାବାଦ ନିକଟରେ କାଳିନ୍ଦୀ ଏକ୍ସପ୍ରେସକୁ ଧକ୍କା ଦେଲା ପୁରୁଷୋତ୍ତମ ଏକ୍ସପ୍ରେସ, ୩୦୦ରୁ ଅଧିକ ମୃତ।

କରମଣ୍ଡଳ ରେଳ ସିଗନାଲରେ ତ୍ରୁଟି ଥିବାରୁ ଦୁର୍ଘଟଣା ଘଟିଥିବା କୁହାଯାଉଥିବାବେଳେ ପୁଣି ପଶ୍ଚିମବଙ୍ଗରେ ଯେଉଁଭଳି ଭାବେ ଦୁର୍ଘଟଣା ଘଟିଛି ତାହା ରେଳ ବିଭାଗର ଦାୟିତ୍ୱହୀନତାକୁ ପଦାରେ ପକାଇଛି।

୨୦୦୦ରୁ ୨୦୨୩ ମସିହା ମଧ୍ୟରେ ଦେଶରେ ୩୯୧୩ଟି ରେଳ ଦୁର୍ଘଟଣା ଘଟିଛି। ୨୦୦୦-୨୦୦୧ରେ ସର୍ବାଧିକ ୪୭୩ଟି ରେଳ ଦୁର୍ଘଟଣା ଘଟିଥିବା ବେଳେ କରୋନା ମହାମାରୀ ସମୟରେ ୨୦୨୦-୨୧ ବର୍ଷରେ ୨୨ ଏବଂ ୨୦୨୧-୨୨ରେ ୩୫ଟି ଦୁର୍ଘଟଣା ଘଟିଥିଲା। ସେହିପରି ୨୦୦୪ରୁ ୨୦୧୪ ମଧ୍ୟରେ ବାର୍ଷିକ ୧୭୧ଟି ରେଳ ଦୁର୍ଘଟଣା ଘଟିଛି ବୋଲି ରେଳ ମନ୍ତ୍ରଣାଳୟ ତଥ୍ୟ କହୁଛି।

୨୦୨୩ରେ ରେଳ ମନ୍ତ୍ରଣାଳୟକୁ ଗୋଟିଏ ପରେ ଗୋଟିଏ ବିପଦ ମାଡ଼ି ଆସୁଛି। କେତେବେଳେ ମାଲବାହୀ ରେଳଗାଡ଼ି ଲାଇନଚ୍ୟୁତ ହେଉଛି ତ ଆଉ କେତେବେଳେ ମାଲବାହୀ ରେଳ ୱାଗନ ଛାଡ଼ି ଚାଲିଯାଉଛି। ପୁଣି କର୍ମଚାରୀଙ୍କ ଅବହେଳା ଏବଂ ସତର୍କତା ଅଭାବରୁ ଗୋଟିଏ ରେଳ ଲାଇନରେ ଦୁଇ ରେଳ ମୁହାଁମୁହିଁ ହେଉଛନ୍ତି। ପୂର୍ବରୁ ରେଳ ଦୁର୍ଘଟଣା ଘଟିଛି ସତ, ହେଲେ ୨୦୨୩ରୁ ରେଳ ବିଭାଗ ଯେଉଁଭଳି ଭାବେ ରେଳ ଦୁର୍ଘଟଣା ସମସ୍ୟାରେ ସମ୍ମୁଖୀନ ହେଲାଣି ପୂର୍ବରୁ କେଉଁବର୍ଷ ଏତେ ସମସ୍ୟାରେ ସମ୍ମୁଖୀନ ହୋଇ ନ ଥିଲା। କେଉଁଠି ବଗିରେ ଅଗ୍ନିକାଣ୍ଡ ହେଉଛି ତ ଆଉ କେଉଁଠି ଦୁର୍ଘଟଣା। ଆଉ କେଉଁଠି ଫାଟକ ପଡ଼ିରହୁଛି ତ ଆଉ କେଉଁ ମାଲବାହୀ ରେଳ ଆସି ଏକ୍ସପ୍ରେସ୍ ରେଳକୁ ଧକ୍କା ଦେଉଛି। ୨୦୦୦-୨୦୦୧ରେ ୪୭୩, ୨୦୦୪-୦୫ରେ ୧୯୫, ୨୦୧୪-୧୫ରେ ୧୦୪, ୨୦୨୨ରେ ୨୩ ଏବଂ ୨୦୨୨-୨୩ରେ ୪୮ ରେଳ ଦୁର୍ଘଟଣା ଘଟିଛି।

ପ୍ରମୁଖ ୭ ଟ୍ରେନ୍ ଦୁର୍ଘଟଣା

୨୦୨୩ ଜୁନ୍ ୨ : ଓଡ଼ିଶାର ବାଲେଶ୍ୱର ଜିଲ୍ଲା ବାହାନଗା ଷ୍ଟେସନରେ କରମଣ୍ଡଳ ଏକ୍ସପ୍ରେସ୍ ସହ ଅନ୍ୟ ୨ଟି ଟ୍ରେନ୍ ମଧ୍ୟରେ ଦୁର୍ଘଟଣା ୨୯୬ ମୃତ।

୨୦୧୬ ଡିସେମ୍ବର ୨୮ : ଉତ୍ତର ପ୍ରଦେଶର କାନପୁର ନିକଟରେ ଆଜମେର-ଏକ୍ସପ୍ରେସ ଲାଇନଚ୍ୟୁତ, ୧୫୦ ମୃତ।

୨୦୧୦ ମେ' ୨୮ : ପଶ୍ଚିମବଙ୍ଗରେ ଜ୍ଞାନେଶ୍ୱରୀ ଏକ୍ସପ୍ରେସ୍ ଦୁର୍ଘଟଣାଗ୍ରସ୍ତ, ୧୪୬ ମୃତ।

୨୦୦୨ ସେପ୍ଟେମ୍ବର ୧୦ : କୋଲକାତା-ନୂଆଦିଲ୍ଲୀ ରାଜଧାନୀ ଏକ୍ସପ୍ରେସ ଧାବି ନଦୀରେ ଖସିପଡ଼ି ୧୨୦ ମୃତ।

୧୯୯୯ ଅଗଷ୍ଟ ୨ : ପଶ୍ଚିମବଙ୍ଗର ଗାଇସାଲ ଷ୍ଟେସନରେ ବ୍ରହ୍ମପୁତ୍ର ମେଲ୍ ଓ ଅଓ୍ୱଧ-ଆସାମ ଏକ୍ସପ୍ରେସ ମଧ୍ୟରେ ମୁହାଁମୁହିଁ ଧକ୍କା, ୨୮୫ ମୃତ

୧୯୯୮ ନଭେମ୍ବର ୨୬ : ପଞ୍ଜାବରେ ଲାଇନଚ୍ୟୁତ ଫ୍ରଣ୍ଟିୟର ମେଲକୁ ଧକ୍କା ଦେଲା ସିଆଲଦା ଏକ୍ସପ୍ରେସ୍, ୨୧୦ ମୃତ।

ଏକ୍ସରେ ଆକାଉଣ୍ଟ ଖୋଲିବାକୁ ସବୁ ହସ୍ପିଟାଲକୁ ନିର୍ଦ୍ଦେଶ

ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ

ରାଜ୍ୟର ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଠାରୁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପର୍ଯ୍ୟନ୍ତ ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀ ସୋସିଆଲ ସାଇଟ୍ ଏକ୍ସରେ ଆକାଉଣ୍ଟ ଖୋଲିବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ନିର୍ଦ୍ଦେଶ ଦେଇଛନ୍ତି। ତୁରନ୍ତ ଏକ୍ସରେ ଆକାଉଣ୍ଟ କାର୍ଯ୍ୟକ୍ଷମ କରି ସେଥିରେ ଆସୁଥିବା ଅଭିଯୋଗ ଗୁଡ଼ିକର ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ।

ମଙ୍ଗଳବାର ଦିନ ସ୍ୱାସ୍ଥ୍ୟମନ୍ତ୍ରୀ ବିଭାଗର ସମୀକ୍ଷା ବୈଠକ ଡକାଇ ସ୍ୱାସ୍ଥ୍ୟ ବିଭାଗ ପ୍ରମୁଖ ସଚିବ, ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ ଏବଂ ସ୍ୱାସ୍ଥ୍ୟ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରି ରୋଗୀ ମାନଙ୍କୁ ଉତ୍ତମ ବ୍ୟବହାର ଓ ସେବା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଭାରତ ସର୍ବୋତ୍କୃଷ୍ଟ ହସ୍ପିଟାଲ ହେବ ଏସ୍‌ସିବି ମେଡିକାଲ କଲେଜ

କଟକ,ନ୍ୟୁଜ୍‌ବ୍ୟୁରୋ

'ଏସ୍ ସିବି ମେଡିକାଲ୍ କଲେଜ ହସପିଟାଲ୍‌କୁ ପୂର୍ବ ଭାରତର ସର୍ବୋତ୍କୃଷ୍ଟ ହସ୍ପିଟାଲ୍ ଭାବେ ଗଢ଼ି ତୋଳିବା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ । ପୂର୍ବ ସରକାର ଏହାର ଉନ୍ନତି ପାଇଁ କ'ଣ କରିଛନ୍ତି ତାହା ଏବେ ପ୍ରସଙ୍ଗ ନୁହେଁ । ଏହି ହସ୍ପିଟାଲକୁ ଏବେ ଏମିତି ଢଙ୍ଗରେ ନିର୍ମାଣ କରଯିବ, ଯେଉଁଠାରେ ଏମ୍‌ସ୍‌ଠୁ ବି ଉନ୍ନତ ମାନର ଚିକିତ୍ସା ସୁବିଧା ମିଳିପାରିବ।'- ଆଜି କଟକ ଗସ୍ତରେ ଆସିଥିବା ବେଳେ ଗଣମାଧ୍ୟମ ଆଗରେ ଏଭଳି ଦୃ

30 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୧୯ ଜୁନ୍ ୨୦୨୪ ବୁଧବାର

ତିନିଦିନ ପରେ ସ୍ନାନଯାତ୍ରା, ଶୃଙ୍ଖଳିତ ଆୟୋଜନ ନେଇ ଜିଲ୍ଲା ପ୍ରଶାସନର ଚୂଡ଼ାନ୍ତ ପ୍ରସ୍ତୁତି

ଛତିଶା ନିଯୋଗ ସହ ବୈଠକ କଲା ପୁରୀ ପୋଲିସ

ପୁରୀ, ନ୍ୟୁଜ ବ୍ୟୁରୋ

ଆଉ ତିନିଦିନ ପରେ ଅର୍ଥାତ ଜୁନ ୨୨ରେ ମହାପ୍ରଭୁଙ୍କର ପବିତ୍ର ଦେବସ୍ନାନ ପୂର୍ଣ୍ଣମା । ଏହି ଅବସରରେ ପୁରୀକୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ଏଥିପାଇଁ ପୁରୀ ଜିଲ୍ଲା, ପୋଲିସ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଦଇତାପତି ନିଯୋଗ ସହ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବ ବୈଠକ କରିଛନ୍ତି। ଶୃଙ୍ଖଳିତ ସ୍ନାନଯାତ୍ରା ଆୟୋଜନ ନେଇ ମୁଖ୍ୟତଃ ବୈଠକରେ ଆଲୋଚନା କରାଯାଇଛି। ସେହିପରି ପହଣ୍ଡି, ଜଳଲାଗି, ହାତୀବେଶ ସମୟରେ ଯେଭଳି ଶୃଙ୍ଖଳା ରକ୍ଷା ହେବ ସେନେଇ ଗୁରୁତ୍ୱ ଦିଆଯାଇଛି। ଯାହାକୁ ନେଇ ଆଜି ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇ ବିସ୍ତୃତ ସୂଚନା ଦିଆଯାଇଛି। ଦେବସ୍ନାନ ପୂର୍ଣ୍ଣମା ଦିନ ଭକ୍ତମାନେ ସ୍ନାନମଣ୍ଡପର ଗୋଟିଏ ପାର୍ଶ୍ୱ ଦେଇ ପ୍ରବେଶ ଓ ଅନ୍ୟ ପାର୍ଶ୍ୱ ଦେଇ ପ୍ରସ୍ଥାନ କରିବେ। ସ୍ନାନ ମଣ୍ଡପରେ ସିସିଟିଭି କ୍ୟାମେରା ସହ ଖୁବ୍ କମ୍ ସମୟରେ କିଭଳି ଅଧିକ ଭକ୍ତ ଦର୍ଶନ କରିପାରିବେ ସେନେଇ ନିଷ୍ପତ୍ତି ହୋଇଛି। ସେହିପରି ଶ୍ରୀବିଗ୍ରହଙ୍କ ସମ୍ମୁଖରେ ଯେଭଳି କୌଣସି ସେବାୟତ ଠିଆ ହୋଇ ଦର୍ଶନରେ ବାଧା ସୃଷ୍ଟି କରିବେ ନାହିଁ ସେନେଇ ସବୁ ସେବାୟତଙ୍କ ଭିତରେ ସମନ୍ୱୟ ରକ୍ଷା କରାଯିବ ବୋଲି ଦଇତାପତି ନିଯୋଗ ସମ୍ପାଦକ ରାମକୃଷ୍ଣ ଦାସ ମହାପାତ୍ର କହିଛନ୍ତି। ସେହିପରି ସ୍ନାନଯାତ୍ରା ପାଇଁ ମାର୍କେଟ ଛକରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ପର୍ଯ୍ୟନ୍ତ ବାରିକେଡ଼ ବ୍ୟବସ୍ଥା କରାଯାଉଛି। ଭକ୍ତ ମାନେ ସୁନ୍ଦର ଭାବେ ଯେଭଳି ମହାପ୍ରଭୁଙ୍କୁ ସ୍ନାନ ମଣ୍ଡପରେ ଦର୍ଶନ କରିପାରିବେ ସେନେଇ ଗୁରୁତ୍ୱ ଦେଇଛି ପୋଲିସ ପ୍ରଶାସନ। ଟ୍ରାଫିକ ବ୍ୟବସ୍ଥାକୁ ନଜରରେ ରଖି ସହରର ବିଭିନ୍ନ ସ୍ଥାନରେ ପାର୍କିଂ ସ୍ଥଳ କରାଯାଇଛି। ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ପୋଲିସ ପ୍ରଶାସନ ପକ୍ଷରୁ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ବିଗତ ବର୍ଷ ତୁଳନାରେ ଚଳିତ ଦ୍ୱିଗୁଣା ଭକ୍ତଙ୍କ ସମାଗମ ହେବା ନେଇ ଆକଳନ କରାଯାଇଛି। ତେବେ ସ୍ନାନ ପୂର୍ଣ୍ଣିମା ପାଇଁ ସୁରକ୍ଷା ଦାୟିତ୍ୱରେ ୭୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ। ଏଥିସହ ୪ ଜଣ ଏସପି ରାଙ୍କ ଅଫିସର, ୧୨ ଜଣ ଅତରିକ୍ତ ଏସପି, ୩୦ରୁ ଉର୍ଦ୍ଧ୍ୱ ଇନସପେକ୍ଟର ମଧ୍ୟ ମୁତୟନ ହେବେ। ଭକ୍ତମାନେ ସିଂହଦ୍ୱାର ଦେଇ ପ୍ରବେଶ କରି ମହାପ୍ରଭୁଙ୍କ ଦୁର୍ଲଭ ହାତୀବେଶ ଦର୍ଶନ କରି ଉତ୍ତର ଦ୍ୱାର ବାଟେ ପ୍ରସ୍ଥାନ କରିବେ। ତେବେ ଶୃଙ୍ଖଳିତ ସ୍ନାନଯାତ୍ରା ପାଇଁ ପୋଲିସ ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ଅଛି ବୋଲି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ପୁରୀ ଏସପି। ସ୍ନାନ ପୂର୍ଣ୍ଣମୀ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇସାରିଥିବା ବେଳେ ସ୍ନାନବେଦୀରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭକ୍ତମାନେ ବ୍ୟାକୁଳତାର ସହ ଅପେକ୍ଷା କରିଛନ୍ତି। ସେପଟେ ଆସନ୍ତାକାଲି ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହେବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ସେହିପରି ପୁରୀ ପୋଲିସ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଛତିଶା ନିଯୋଗ ସହ ବୈଠକ କରିଛନ୍ତି ଏସ.ପି ପିନାକ ମିଶ୍ର । ବିଗତବର୍ଷ ସ୍ନାନ ପୂର୍ଣ୍ଣିମାରେ କ'ଣ ସବୁ ସମସ୍ୟାର ସମ୍ମୁଖିନ ହୋଇଥିଲେ ସେବାୟତ, ସେନେଇ ଏସପିଙ୍କୁ ଅବଗତ କରାଇଥିଲେ ଛତିଶା ନିଯୋଗର ସେବାୟତ ପ୍ରତିନିଧି । ସେହିପରି ଚଳିତବର୍ଷ ମହାପ୍ରଭୁଙ୍କ ସ୍ନାନଯାତ୍ରା କିଭଳି ସୁରୁଖୁରୁରେ ଆୟୋଜନ ହୋଇପାରିବ, ପାଳିଆ ସେବାୟତମାନେ ସହଜରେ କିଭଳି ପ୍ରବେଶ କରିପାରିବେ, ନୀତିକାନ୍ତି କିଭଳି ସୂଚାରୁରୂପେ ହୋଇପାରିବ, ଭକ୍ତମାନେ ମହାପ୍ରଭୁଙ୍କୁ ଭଲ ଭାବେ କିଭଳି ଦର୍ଶନ କରିପାରିବେ ସେନେଇ ବୈଠକରେ ଆଲୋଚନା ହୋଇଥିଲା ।

ଅନିଶ୍ଚିତତା ଘେରରେ ଶ୍ରୀ ଜଗନ୍ନାଥ ଆନ୍ତର୍ଜାତିକ ବିମାନ ବନ୍ଦର

ପୁରୀ, ନ୍ୟୁଜ ବ୍ୟୁରୋ

ପୂର୍ବତନ ବିଜେଡି ସରକାର ପୁରୀରେ ଶ୍ରୀଜଗନ୍ନାଥ ଆର୍ନ୍ତଜାତିକ ବିମାନ ବନ୍ଦର ସ୍ଥାପନ ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେଇଥିଲେ। ଏଥିପାଇଁ କେତେକ କାର୍ଯ୍ୟପନ୍ଥା ମଧ୍ୟ ସରକାର ଗ୍ରହଣ କରିଥିଲେ। ତେବେ ସଦ୍ୟ ସମାପ୍ତ ନିର୍ବାଚନରେ ବିଜେଡି ସରକାର କ୍ଷମାତାଚ୍ୟୁତ ହେବା ସହ ରାଜ୍ୟରେ ବିଜେପି ପକ୍ଷରୁ ନୂତନ ସରକାର ଗଠନ କରାଯାଇଛି। ଏଭଳି ପରିପ୍ରେକ୍ଷୀରେ ପ୍ରସ୍ତାବିତ ଶ୍ରୀ ଜଗନ୍ନାଥ ଆର୍ନ୍ତଜାତିକ ବିମାନ ବନ୍ଦରର ଭାଗ୍ୟ କ'ଣ ହେବ ସେଥି ନେଇ ଅନିଶ୍ଚିତା ଜାରୀ ରହିଛି। ଏହି ବିମାନ ବନ୍ଦରର ନିର୍ମାଣ, ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଦାୟିତ୍ୱ ନେବାକୁ ଆଦାନୀ ସମେତ ତିନୋଟି ଘରୋଇ ସଂସ୍ଥା ଆଗ୍ରହ ପ୍ରକାଶ କରିଛନ୍ତି । ଟେଣ୍ଡର ବିଜ୍ଞପ୍ତିରେ ଥିବା ସର୍ଭେ ଅନୁଯାୟୀ ତିନିବର୍ଷ ମଧ୍ୟରେ ଗ୍ରୀନଫିଲ୍ଡ ବିମାନ ବନ୍ଦର ନିର୍ମାଣ କାର୍ଯ୍ୟ ଶେଷ ହେବ । ଏହାପରେ ସାତବର୍ଷ ପାଇଁ ସଂପୃକ୍ତ ଘରୋଇ ସଂସ୍ଥା ହାତରେ ଏହାର ପରିଚାଳନା ଏବଂ ରକ୍ଷଣାବେକ୍ଷଣ ଦାୟିତ୍ୱ

ରହିବ । ପୁରୀ ସମୁଦ୍ରକୂଳ ନିକଟ ସିପସରୁବାଲି ଏବଂ ଷଣ୍ଢପୁର ମୌଜାରେ ପ୍ରତିଷ୍ଠା ହେବ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନ ବନ୍ଦର। ଏଥିପାଇଁ ୧୧୬୪ ଏକର ଜମି ଚିହ୍ନଟ କରାଯାଇଛି । ସେଥିରେ ୯୪୨, ୮୬ ଏକର ସରକାରୀ ଏବଂ ୨୨୧ ଏକର ଘରୋଇ ଜମି ରହିଛି। ଷଣ୍ଢପୁର ରାଜସ୍ୱ ମୌଜାରେ ଥିବା ୨୭, ୮୫ ଏକର ଜଙ୍ଗଲ ଜମି କିସମ ପରିବର୍ତ୍ତନ ପାଇଁ କେନ୍ଦ୍ର ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଗତବର୍ଷ ନଭେମ୍ବର ୨୦ ତାରିଖରେ ଅନୁମତି ଦେଇଥିଲା । ନୂତନ ବିମାନ ବନ୍ଦର ପାଇଁ ରାଜ୍ୟ ସରକାର ଚିହ୍ନଟ କରିଥିବା ସ୍ଥାନ ସପକ୍ଷରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ ସାଇଟ କ୍ଲିୟରାନସ ପ୍ରଦାନ କରିଛି । ସୂଚନା ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ଚାରିଟି ଏୟାରଷ୍ଟ୍ରିପ ନିର୍ମାଣ କରାଯିବ। ବିମାନ ବନ୍ଦର ନିର୍ମାଣ ପାଇଁ ରାଜ୍ୟ ସରକାର ୨୨୦୩ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି । ପିପିପି ମୋଡ଼ରେ ଶ୍ରୀ ଜଗନ୍ନାଥ ଅନ୍ତର୍ଜାତୀୟ ଗ୍ରୀନଫିଲ୍ଡ ବିମାନବନ୍ଦର ନିର୍ମାଣ ପାଇଁ ଇଡକୋ ପକ୍ଷରୁ ଗତ ଫେବୃୟାରୀ ମାସରେ ଆଗ୍ରହୀ ସଂସ୍ଥା ଗୁଡ଼ିକ ଠାରୁ ପ୍ରସ୍ତାବ ଆହ୍ୱାନ କରାଯାଇ ଥିଲା । ତାହାକୁ ଭିତ୍ତିକରି ଆଦାନୀ, ଜିଏମଆର୍ ଏବଂ ଏନ୍‌ଆଇଆଇଏଫ୍ ଟେଣ୍ଡର ପ୍ରକ୍ରିୟାରେ ସାମିଲ ହୋଇଥିଲେ। ଆଦାନୀଙ୍କୁ ଏହି ବିମାନ ବନ୍ଦର ନିର୍ମାଣ ଦାୟିତ୍ୱ ଦିଆଯିବା ସମ୍ଭାବନା ରହିଛି। ଘରୋଇ ଜମି ଅଧିଗ୍ରହଣ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିବା ଜଣେ ଅଧିକାରୀ କହିଛନ୍ତି। ଚତୁଃପାର୍ଶ୍ୱ ପ୍ରାଚୀର ନିର୍ମାଣ ଖୁବଶୀଘ୍ର ସରିବାକୁ ଯାଉଛି। ପୁରୀରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ ପାଇଁ ତତକାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଗ୍ରହ ପ୍ରକାଶ କରିଥିଲେ। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖି ସେ ଅନୁରୋଧ କରିଥିଲେ। ତାଙ୍କର ଏହି ପ୍ରସ୍ତାବକୁ କେନ୍ଦ୍ର ବିଜେପି ନେତୃତ୍ୱାଧୀନ ସରକାର ଗୁରୁତ୍ୱ ଦେବାସହ ସବୁଜ ସଙ୍କେତ ଦେଇଥିଲେ। ପୁରୀରେ ନୂଆ ବିମାନ ବନ୍ଦର ନିର୍ମାଣକୁ ରାଜ୍ୟ ବିଜେଡ଼ି ସରକାର ସର୍ବାଧିକ ଗୁରୁତ୍ୱ ଦେଉଥିଲେ । ତେବେ ନିର୍ବାଚନରେ ବିଜେଡି ହାରିଯାଇ ଥିବାରୁ ନୂଆ ବିଜେପି ସରକାର ଏହି ପ୍ରକଳ୍ପକୁ ଆଗେଇ ନେବା ଦିଗରେ କେତେ ତତ୍ପରତା ପ୍ରକାଶ କରିବେ ସେଥିନେଇ ଆଶଙ୍କା ପ୍ରକାଶ ପାଇଛି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

୯.୨୬ କୋଟି ...

ପାଇଁ ନିର୍ବାଚିତ ସରକାରକୁ ଫେରାଇ ଆଣିବା ପରେ ନିର୍ବାଚନୀ ଜନାଦେଶକୁ ଅଭୂତପୂର୍ବ ବୋଲି କହି ପ୍ରଧାନମନ୍ତ୍ରୀ କହିଥିଲେ ଯେ ବିଶ୍ୱ ଗଣତନ୍ତ୍ର ମଧ୍ୟରେ ଏହା ଏକ ବିରଳ ସଫଳତା। ବିକଶିତ ଭାରତର ସ୍ତମ୍ଭ ଭାବରେ ସେ କୃଷକ, ନାରୀଶକ୍ତି, ଯୁବକ ଏବଂ ଗରିବମାନଙ୍କୁ ଗୁରୁତ୍ୱ ଦେଉଛନ୍ତି ବୋଲି ପ୍ରଧାନମନ୍ତ୍ରୀ ଦୋହରାଇଥିଲେ । ସେ କହିଥିଲେ ଯେ ସରକାର ଗଠନ ପରେ ସରକାରଙ୍କ ପ୍ରଥମ ନିଷ୍ପତ୍ତି କୃଷକ ଏବଂ ଗରିବ ପରିବାର ବିଷୟରେ ଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ୩ କୋଟି ଅତିରିକ୍ତ ପରିବାର କିମ୍ବା ପିଏମ କିଷାନ ସମ୍ମାନ ନିଧିର କିସ୍ତି ସମ୍ପର୍କରେ ନିଆଯାଇଥିବା ଏହି ନିଷ୍ପତ୍ତି ଲୋକମାନଙ୍କୁ ସାହାଯ୍ୟ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ପ୍ରଧାନମନ୍ତ୍ରୀ କାର୍ଯ୍ୟକ୍ରମ ସ୍ଥଳରେ ଉପସ୍ଥିତ କୃଷକମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ବୈଷୟିକ ଜ୍ଞାନକୌଶଳ ମାଧ୍ୟମରେ ଏହି କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇଥିଲେ ଏବଂ କୋଟି କୋଟି ଚାଷୀଙ୍କ ଆକାଉଣ୍ଟରେ ୨୦ ହଜାର କୋଟି ଟଙ୍କା ଜମା ହୋଇଥିବା ଉଲ୍ଲେଖ କରିଛନ୍ତି । ୩ କୋଟି ଲକ୍ଷପତି ଦିଦି ସୃଷ୍ଟି ଦିଗରେ ଏକ ଦୃଢ଼ ପଦକ୍ଷେପ ଭାବେ କୃଷି ସଖୀ ପଦକ୍ଷେପ ବୋଲି ସେ କହିଥିଲେ। ଏହି ପଦକ୍ଷେପ ଦ୍ୱାରା ହିତାଧିକାରୀ ମହିଳାଙ୍କ ପାଇଁ ଆୟର ମର୍ଯ୍ୟାଦା ଏବଂ ନିଶ୍ଚିତତା ସୁନିଶ୍ଚିତ ହେବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ଅବହେଳା ପାଇଁ ...

ଆଦୌ ପ୍ରତିକୂଳ ଭାବରେ ଦେଖୁନାହାନ୍ତି।

ଜଷ୍ଟିସ ଭଙ୍ଗୀ ଠକେଇ କରିଥିବା ବ୍ୟକ୍ତି ଡାକ୍ତର ହେବାକୁ ଯାଉଥିବା ପରିଣାମ ବିଷୟରେ କହିଥିଲେ ଏଭଳି ଠକେଇ କରିଥିବା ଜଣେ ବ୍ୟକ୍ତି ଯଦି ଡାକ୍ତର ହୁଅନ୍ତି, ସେ ସମାଜ ପାଇଁ ଅଧିକ କ୍ଷତିକାରକ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ଏବଂ ଏନଟିଏ ଆବେଦନ ଉପରେ ଜବାବ ଦାଖଲ କରିବା ପୂର୍ବରୁ କୌଣସି ନିଷ୍ପତ୍ତି ଗ୍ରହଣ ନ କରିବାକୁ ଅଗ୍ରୱାଲ ଅଦାଲତଙ୍କୁ ଅନୁରୋଧ କରିଛନ୍ତି । ଗତ ଜୁନ ୧୩ ତାରିଖରେ କେନ୍ଦ୍ର ଓ ଏନଟିଏ ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ ଯେ ନିଟ ପରୀକ୍ଷାରେ ୧୫୬୩ ଜଣ ପରୀକ୍ଷାର୍ଥୀଙ୍କୁ ଦିଆଯାଇଥିବା ଗ୍ରେସ ମାର୍କକୁ ବାତିଲ କରାଯିବ ଏବଂ ଯେଉଁମାନେ ଚାହୁଁଛନ୍ତି ସେମାନଙ୍କ ପାଇଁ ପୁନଃ ପରୀକ୍ଷା ଆୟୋଜନ କରାଯିବ। ଠିକ ସମୟରେ କାର୍ଯ୍ୟାନୁଷ୍ଠାନର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରି ବିଚାରପତି କହିଛନ୍ତି ଯେ ଆପଣଙ୍କ ତରଫରୁ ଠିକ ସମୟରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ୍ । ଅନ୍ୟପକ୍ଷରେ ଅଦାଲତ ଏହି ଆବେଦନଗୁଡ଼ିକ ଉପରେ ନୋଟିସ ଜାରି କରିବା ସହ ଜୁଲାଇ ୮ରେ ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରିବା ସହ କେନ୍ଦ୍ର ଓ ଏନଟିଏକୁ ଦୁଇ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜୁନ ୪ରେ ପ୍ରକାଶିତ ନିଟ ରେଜଲ୍ଟରେ ୬୭ ଜଣ ଛାତ୍ରଛାତ୍ରୀ ମୋଟ ୭୨୦ରୁ ୭୨୦ ସ୍କୋର ସହ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ୭୧୮ କିମ୍ବା ୭୧୯ ନମ୍ବର ରଖିଥିବା ପରୀକ୍ଷାର୍ଥୀ ଏହା ଅସମ୍ଭବ ବୋଲି ଅନେକ କହିଛନ୍ତି । ଏନଟିଏ ଗ୍ରେସ ମାର୍କ ପ୍ରଦାନ ଏବଂ ପ୍ରଶ୍ନପତ୍ର ଲିକ ଅଭିଯୋଗକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି।

ବିଧାନସଭାରେ...

କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ୍‌ଙ୍କ ସାମ୍ନାରେ କ୍ଷଣିକ ପାଇଁ ଅଟକି ଯାଇଥିଲେ। ଦୁହେଁ ପରସ୍ପରକୁ ନମସ୍କାର, ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଶ୍ରୀ ବାଗ୍ ନବୀନଙ୍କ ଉଦ୍ଦେଶ୍ୟରେ ପଚାରିଥିଲେ, ଆପଣ କେମିତି ଅଛନ୍ତି। ହସ ହସ ବଦନରେ ନବୀନ ସବୁ ଭଲ ବୋଲି କହି ଆଗକୁ ପାଦ ବଢାଇଥିଲେ। ଏହା ପରେ ନବୀନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡା ଏବଂ ପରେ ଅନ୍ୟ ସମସ୍ତଙ୍କ ଉଦ୍ଦେଶ୍ୟରେ ହାତଯୋଡି ନମସ୍କାର ଓ ଶୁଭେଚ୍ଛା ଜଣାଇଥିବା ବେଳେ ଅନ୍ୟ ସମସ୍ତେ ତାଙ୍କୁ ଠିଆ ହୋଇ ପ୍ରତି ନମସ୍କାର ଓ ଶୁଭେଚ୍ଛା ଜଣାଇଥିଲେ। ଏହି ଦୃଶ୍ୟ ନେଇ ବିଧାନସଭା ଗୃହରେ କିଛି ସମୟ ପାଇଁ ଭାବପୂର୍ଣ୍ଣ ପରିବେଶ ସୃଷ୍ଟି ହୋଇଥିଲା।

ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ମଙ୍ଗଳବାର ନବ ନିର୍ବାଚିତ ବିଧାୟକମାନଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ବିଧାନସଭା ପରିସରରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭା ସଦସ୍ୟ ଭାବେ ଶପଥ ନେବା ପରେ ଦୁଇ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ପ୍ରଭାତୀ ପରିଡା ଶପଥ ନେଇଥିଲେ। ଏହି କ୍ରମରେ ଗୃହରେ ଯୋଗଦେଇଥିବା ନବ ନିର୍ବାଚିତ ନବାଗତ ଯୁବ ଓ ମହିଳା ଏବଂ ବରିଷ୍ଠ ସଦସ୍ୟମାନେ ଜଣକ ପରେ ଜଣେ ଶପଥ ଗ୍ରହଣ କରିଥିଲେ। ଅପରାହ୍ନ ୫ଟା ପର୍ଯ୍ୟନ୍ତ ଶପଥ ପାଠ କାର୍ଯ୍ୟକ୍ରମ ଚାଲୁରହିଥିଲା। ମଙ୍ଗଳବାର ସନ୍ଧ୍ୟାସୁଦ୍ଧା ୧୦୧ଜଣ ବିଧାନସଭାର ସଦସ୍ୟ ଭାବେ ଶପଥ ନେଇଥିବା ବେଳେ ବୁଧବାର ଅବଶିଷ୍ଟ ବିଧାୟକମାନେ ଶପଥ ନେବେ ବୋଲି ଜଣାପଡିଛି।

ପିଏମ୍ କିଷାନ ଯୋଜନାରେ...

ହଜାର ଚାଷୀ ସମୁଦାୟ ୬୩୨ କୋଟି ୪୮ ଲକ୍ଷ ଟଙ୍କା ପାଇଲେ। ଏଥିପାଇଁ ସେ ରାଜ୍ୟର ସମସ୍ତ କୃଷକ ଭାଇ ଭଉଣୀ ମାନଙ୍କୁ ହୃଦୟରୁ ଶୁଭେଚ୍ଛା ଜଣାଇଥିଲେ।

ସେ ପୁଣି କହିଲେ ଯେ ପ୍ରଧାନମନ୍ତ୍ରୀ କୃଷକ ସମ୍ମାନ ନିଧି ଯୋଜନା କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ଏକ କୃଷକ କଲ୍ୟାଣକାରୀ ପ୍ରଗତିଶୀଳ ତଥା କୃଷକଙ୍କୁ ମୁଖ୍ୟ ସ୍ରୋତରେ ସମ୍ମିଳିତ କରିବା ଭଳି ଯୋଜନା। କୃଷକର ବିକାଶ ଏବଂ ଦାରିଦ୍ର୍ୟତା ହ୍ରାସ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ନିମନ୍ତେ ମୋଦି ସରକାର ଫେବୃଆରୀ ୨୦୧୯ରେ ଏହି ଯୋଜନାକୁ କାର୍ଯ୍ୟକାରୀ କରିଥିଲେ। ମୁଖ୍ୟମନ୍ତ୍ରୀ କହିଲେ ଓଡ଼ିଶାରେ ଆମ ସରକାର ଆସିବାର ପ୍ରଥମ ଦିନରେ ହିଁ ମୋ କ୍ୟାବିନେଟ ଚାଷୀମାନଙ୍କଠାରୁ ଧାନ ସଂଗ୍ରହ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟକୁ ୩୧୦୦ ଟଙ୍କାକୁ ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛି । ପୂର୍ବ ସରକାର ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ, ୧୦୦ ଟଙ୍କା ବୋନସ୍ ଦେଲେନାହିଁ ବରଂ କଟନି ଛଟନି ଆରମ୍ଭ କଲେ। ମୋ ସରକାର ଜନତାଙ୍କ ସରକାର ସାଧାରଣ ଲୋକଙ୍କ ପାଇଁ ଆମର ସବୁ ପ୍ରତିଶ୍ରୁତି ପୂରଣ ହେବ। ଆମ ରାଜ୍ୟରେ କୃଷକଙ୍କ ସଶକ୍ତିକରଣ ଏବଂ କଲ୍ୟାଣ ହେଉଛି ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ। ଆମ ରାଜ୍ୟ ସରକାର ଆଗାମୀ ଦିନରେ ଆହୁରି ଅନେକ କୃଷକଙ୍କ ପାଇଁ କେନ୍ଦ୍ର ସରକାର କରିଥିବା ବିକାଶମୂଳକ ଯୋଜନା ଏବଂ କାର୍ଯ୍ୟକ୍ରମ ରାଜ୍ୟରେ ଲାଗୁ କରିବାକୁ ଯୋଜନା ରଖିଛନ୍ତି । ସେ କହିଥିଲେ ଯେ ମୁଁ ଚାହୁଁଛି ଯେ କୌଣସି ଯୋଗ୍ୟ କୃଷକ ଏହି ଯୋଜନା ଅଧୀନରେ ଲାଭ ପାଇବାରୁ ବଞ୍ଚିତ ହେବେ ନାହିଁ । ଆଗାମୀ ୧୫ ଦିନ ମଧ୍ୟରେ ସବୁ ବଞ୍ଚିତ ଯୋଗ୍ୟ ଚାଷୀଙ୍କୁ ଏହି ଯୋଜନାରେ ସାମିଲ କରାଯିବ। ଆଗାମୀ କିସ୍ତିରେ ଆପଣମାନେ ଏହାର ସୁଫଳ ପାଇବେ। ସେ କହିଥିଲେ ଯେ କୃଷକ ମାନେ ଆମର ଅନ୍ନ ଦାତା, ଆମର ବନ୍ଧୁ । ମୋ ରାଜ୍ୟ ଓଡିଶାର ଜନସଂଖ୍ୟାର ୭୦ ଭାଗ ହେଉଛନ୍ତି କୃଷକ ପରିବାରର ଲୋକ । ମୁଁ ମଧ୍ୟ ଏକ ସାଧାରଣ ପରିବାରରୁ ଆସିଛି । ସାଧାରଣ ଲୋକଙ୍କ ସମସ୍ୟା ମୁଁ ଜାଣିଛି ବୋଲି ସେ କହିଥିଲେ । ଆଗାମୀ ବଜେଟରେ ଆମେ ସାଧାରଣ ଲୋକଙ୍କ ମତାମତକୁ ସ୍ଥାନ ଦେବୁ । ଏଥିପାଇଁ ଖୁବଶୀଘ୍ର ଏକ ୱେବସାଇଟ ଖୋଲାଯିବ। ଆପଣଙ୍କ ମତ ଅନୁଯାୟୀ ବଜେଟ ପ୍ରସ୍ତୁତ କରାଯିବ। ସେ ପୁଣି କହିଥିଲେ ଯେ ମୋ ସରକାର ଜନତାଙ୍କ ସରକାର, ଯେତେବେଳେ ଆପଣ ଆପଣଙ୍କ ମୁଖ୍ୟମନ୍ତ୍ରୀଙ୍କୁ ଖୋଜିବେ, ନିଶ୍ଚୟ ପାଇବେ। ଗତ ୨୪ ବର୍ଷ ଧରି ଆପଣ ଆପଣଙ୍କ ସରକାରଙ୍କୁ ପାଖରେ ପାଉ ନ ଥିଲେ ବୋଲି ସେ କହିଥିଲେ । ସେ ପୁଣି କହିଥିଲେ ଯେ ମୋ ସରକାର ହେଉଛି ଗରିବ ଓ କୃଷକର ସରକାର । ତେଣୁ ରାଜ୍ୟରେ କୃଷି ଓ କୃଷକର

ସମ୍ବାଦ କଳିକା
ଷୋଡ଼ଶ ପୃଷ୍ଠା
ଭୁବନେଶ୍ୱର
୧୯ ଜୁନ୍
ବୁଧବାର, ୨୦୨୪
RNI Regd. No. : 52640/94
Postal Regd. No. :
BN/60/22-24

ଭୁବନେଶ୍ୱର : କାଳବୈଶାଖୀ ପ୍ରଭାବରେ ରାଜଧାନୀରେ ପ୍ରବଳ ଝଡ ବର୍ଷାରେ ରାସ୍ତା ଘାଟରେ କୃତ୍ରିମ ବନ୍ୟା ସୃଷ୍ଟି ହେବା ସହ ବଡ଼ ବଡ଼ ଗଛ ଭାଙ୍ଗିପଡି ଜୀବନଯାତ୍ରା ବିପର୍ଯ୍ୟସ୍ତ ହୋଇ ପଡିଛି। (ଫଟୋ : ସମ୍ବାଦ କଳିକା)



ପ୍ରଚଣ୍ଡ ବଜ୍ରପାତରେ ପୁରୁଣା ଭୁବନେଶ୍ୱରରେ ଥିବା ନଡିଆ ଗଛରେ ଲାଗିଲା ନିଆଁ। (ଫଟୋ : ସମ୍ବାଦ କଳିକା)

ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟ ସମୀକ୍ଷା

ଭୁବନେଶ୍ୱର, ୧୮/୦୬ ନ୍ୟୁଜ ବ୍ୟୁରୋ
ନୂତନ ମନ୍ତ୍ରୀ ପରିଷଦ ଗଠନ ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଦାୟିତ୍ୱ ନେଇଥିବା ନବନିଯୁକ୍ତ ମନ୍ତ୍ରୀ ରବିନାରାୟଣ ନାଏକ ମଙ୍ଗଳବାର ପୂର୍ବାହ୍ନରେ ଲୋକସେବା ଭବନସ୍ଥ ଗ୍ରାମ୍ୟ ଉନ୍ନୟନ ବିଭାଗ ସମ୍ମିଳନୀ କକ୍ଷରେ ବିଭାଗର କାର୍ଯ୍ୟାବଳୀ ସମୀକ୍ଷା କରିଛନ୍ତି । ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂହ ଏବଂ ଅନ୍ୟାନ୍ୟ ପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ମନ୍ତ୍ରୀ ଶ୍ରୀ ନାଏକ କହିଲେ ଯେ ଗ୍ରାମାଞ୍ଚଳରେ ସଡ଼କ ସଂଯୋଗୀକରଣ ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ତାଙ୍କ ସରକାର ସର୍ବାଧିକ ପ୍ରାଥମିକତା ଦେବେ । ଏଣୁ ବିଭାଗ ଅଧୀନସ୍ଥ ରାସ୍ତା, ସେତୁ ଓ ଗୃହନିର୍ମାଣ କ୍ଷେତ୍ରକୁ ଆହୁରି ତ୍ୱରାନ୍ୱିତ କରିବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

ଭୁବନେଶ୍ୱର : ବିଧାନସଭା ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଶ୍ରଦ୍ଧାସୁମନ ଅର୍ପଣ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡା ଏବଂ ଅନ୍ୟମାନେ । (ଫଟୋ : ସମ୍ବାଦ କଳିକା)

କନିଷ୍ଠ ଶିକ୍ଷକ ଚୟନ ମାମଲା
ଓସେପାର ମେରିଟ ଲିଷ୍ଟକୁ କାଏମ ରଖିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୧୮/୦୬ ନ୍ୟୁଜ ବ୍ୟୁରୋ
କନିଷ୍ଠ ଶିକ୍ଷକ ଚୟନ ଅନିୟମିତତା ମାମଲାରେ ଓଡ଼ିଶା ହାଇକୋର୍ଟ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି । ଓସେପାର ମେରିଟ୍ ଲିଷ୍ଟକୁ କାଏମ ପାଇଁ ରଖିଛନ୍ତି ହାଇକୋର୍ଟ । ଏହା ସହିତ ମେରିଟ୍ ସହ ପ୍ରିଫରେନ୍ସକୁ ଗୁରୁତ୍ୱ ଦେଇ ନିଯୁକ୍ତି ପ୍ରଦାନ କରିବାକୁ କୋର୍ଟ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟଙ୍କ ଏହି ନିର୍ଦ୍ଦେଶକ୍ରମେ ୨୦ହଜାର କନିଷ୍ଠ ଶିକ୍ଷକ ନିଯୁକ୍ତିର ବାଟ ଫିଟିଛି । ପୂର୍ବରୁ ଓସେପା ପ୍ରଥମେ ପ୍ରିଫରେନ୍ସ ପରେ ମେରିଟକୁ ଆଧାର କରି ତାଲିକା ଜାରି କରିଥିଲା। ଯାହାକୁ ନେଇ ଆବେଦନକାରୀ ହାଇକୋର୍ଟରେ ରିଟ୍ ଅପିଲ କରିଥିଲେ । ପୂର୍ବରୁ ଓସେପାର ମେରିଟ୍ ଲିଷ୍ଟକୁ ଖାରଜ କରିଥିଲେ ହାଇକୋର୍ଟର ଜଣିକିଆ ବେଞ୍ଚ । ଜିଲ୍ଲାୱାରୀ ମେରିଟ ଲିଷ୍ଟ ବି ପୂର୍ବରୁ ଖାରଜ କରିଥିଲେ ହାଇକୋର୍ଟ । କେବଳ ସେତିକି ନୁହେଁ, ସାନି ମେରିଟ୍ ଲିଷ୍ଟ ପ୍ରସ୍ତୁତ କରିବାକୁ ପୂର୍ବରୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଜୁନିୟର ଟିଚର ନିଯୁକ୍ତି ଅନିୟମିତତା ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ ଓଡ଼ିଶା ହାଇକୋର୍ଟ । ଏଥିସହ ନିଯୁକ୍ତି ଉପରେ

ଲାଗିଥିବା ଅଙ୍କୁଶକୁ ବଳବତ୍ତର ରଖିଥିଲେ କୋର୍ଟ। ଚୟନ ପ୍ରକ୍ରିୟା ସରିଥିଲେ ବି ନିଯୁକ୍ତି ଉପରେ ପୂର୍ବରୁ ରୋକ ଲଗାଇଥିଲେ କୋର୍ଟ । କୋର୍ଟଙ୍କ ନିର୍ଦ୍ଦେଶ ଆସିବା ପର୍ଯ୍ୟନ୍ତ ନିଯୁକ୍ତି ହୋଇପାରିବ ନାହିଁ ବୋଲି କୋର୍ଟ କହିଥିଲେ । ଡକ୍ୟୁମେଣ୍ଟ ଭେରିଫିକେସନ୍ ପ୍ରକ୍ରିୟା ଜାରି ରହିବ, ମାତ୍ର ବୃତାନ୍ତ ଚୟନ ତାଲିକା କିମ୍ବା ଉକ୍ତ ପଦରେ କାହାରିକୁ ନିଯୁକ୍ତି ଦିଆଯାଇପାରିବ ନାହିଁ ବୋଲି କୋର୍ଟ ପୂର୍ବରୁ ଅନ୍ତରୀଣ ନିର୍ଦ୍ଦେଶ ଜାରି କରିଥିଲେ । ତେବେ ବର୍ତ୍ତମାନ ଏହି ଜଣିକିଆ ଖଣ୍ଡପୀଠଙ୍କ ରାୟକୁ ସଂଶୋଧନ କରିଛନ୍ତି ଡିଭିଜନ ବେଞ୍ଚ। ପ୍ରକାଶ ଥାଉ କି, ଆବେଦନକାରୀ ଚିନ୍ତାମଣି ଭୂୟାଁ ଏବଂ ଅନ୍ୟମାନଙ୍କ ପକ୍ଷରୁ ଦାୟର ହୋଇଥିବା ଆବେଦନ ଉପରେ ଶୁଣାଣି କରି ହାଇକୋର୍ଟର ଜଣିକିଆ ଖଣ୍ଡପୀଠ ବୃତାନ୍ତ ଚୟନ ତାଲିକା ଜାରି ବା ନିଯୁକ୍ତି ଉପରେ ଅନ୍ତରୀଣ ରହିତାଦେଶ ଜାରି କରିଥିଲେ । ଓସେପା ପକ୍ଷରୁ ୨୦ହଜାର କନିଷ୍ଠ ଶିକ୍ଷକ ପଦରେ ଶିକ୍ଷକଙ୍କ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ଗତବର୍ଷ ସେପ୍ଟେମ୍ବର ୧୩ରୁ ଏଥିପାଇଁ ଆବେଦନପତ୍ର ଆହ୍ୱାନ କରାଯାଇଥିଲା । ୨୦୨୩ ଅକ୍ଟୋବର ୧୦ ତାରିଖ ଆବେଦନର ଶେଷ ତାରିଖ ଥିଲା। ଏହାପରେ ସମସ୍ତ ପରୀକ୍ଷା ଶେଷ ହୋଇଥିବାବେଳେ ଦୁଇ ଦିନ ମଧ୍ୟରେ ସାର୍ଟିଫିକେଟ ଯାଞ୍ଚ ପ୍ରକ୍ରିୟା ଶେଷ ହୋଇଥାନ୍ତା। ହେଲେ ଏହି ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଥିଲା । ଏପରିକି ନିଯୁକ୍ତି ବିଜ୍ଞପ୍ତିର ନିୟମ ଆଧାରରେ ବୃତାନ୍ତ ମେଧା ତାଲିକା ବା ମେରିଟ ଲିଷ୍ଟ ପ୍ରକାଶ କରାଯାଇନାହିଁ ବୋଲି ଅଭିଯୋଗ ହୋଇଥିଲା । ତେଣୁ ଏହା ବେଆଇନ ବୋଲି ଦର୍ଶାଇ ଏହି ବିଜ୍ଞପ୍ତିକୁ ରଦ୍ଦ କରିବାକୁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ଆବେଦନକାରୀ ।

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କାର୍ଯ୍ୟାବଳୀ ସମୀକ୍ଷା କଲେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ

ଭୁବନେଶ୍ୱର, ୧୮/୦୬ ନ୍ୟୁଜ ବ୍ୟୁରୋ
ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମଙ୍ଗଳବାର ପୂର୍ବାହ୍ନରେ ଖାରବେଳ ଭବନଠାରେ ପହଞ୍ଚି ବିଭାଗର ପରିଚାଳନା ଏବଂ ବିଭାଗ ପକ୍ଷରୁ ଚାଲିଥିବା ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଉପରେ ସମୀକ୍ଷା କରିଛନ୍ତି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଖାରବେଳ ଭବନଠାରେ ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କୁ ସ୍ୱାଗତ କରିଥିଲେ । ବୈଠକରେ ମନ୍ତ୍ରୀ ଶ୍ରୀ ସ୍ୱାଇଁ ବିଭାଗ ଅଧିନରେ ଯୁବପିଢ଼ିଙ୍କୁ ଉପଯୁକ୍ତ ତାଲିମ ପ୍ରଦାନ କରି ଦକ୍ଷ ଓ କୁଶଳୀ କରିବା ସହ ସେମାନଙ୍କୁ ସ୍ୱାବଲମ୍ବୀ କରିବାରେ ବିଭାଗ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବାକୁ ପରାମର୍ଶ ଦେଇଥିଲେ । ଓଡ଼ିଶାର ଯୁବପିଢ଼ି ପୂର୍ଣ୍ଣ ତାଲିମପ୍ରାପ୍ତ ହୋଇ ଆମ ରାଜ୍ୟରେ କିପରି ନିଯୁକ୍ତି ସୁଯୋଗ ପାଇବେ ସେଥି ପ୍ରତି ବିଭାଗ ଯତ୍ନବାନ ହେବା ଆବଶ୍ୟକ । ଶିଳ୍ପଭିତ୍ତିକ ଦକ୍ଷତା ଏବଂ ଦକ୍ଷତା ଶୈଳୀକୁ ସୁଦୃଢ଼ କରି ଯୁବପିଢ଼ିଙ୍କୁ ଆତ୍ମନିର୍ଭର କରିବା ସହ ବୈଶ୍ୱିକ ପ୍ରତିଯୋଗିତା ନିମନ୍ତେ ସକ୍ଷମ କରିବାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ ମନ୍ତ୍ରୀ ବିଗତ ଦୁଇବର୍ଷ ମଧ୍ୟରେ ଆମେ କେତେ ଯୁବକଯୁବତୀଙ୍କୁ ବୈଷୟିକ ଶିକ୍ଷା ସହ ଆତ୍ମନିର୍ଭର କରାଇ ପାରିଛେ ଏବଂ ଆଗାମୀ ଦିନରେ ଏ ବାବଦରେ କି ପ୍ରକାର ଅଧିକ ପଦକ୍ଷେପ ନିଆଯାଇ ପାରିବ ସେ ବାବଦରେ ପ୍ରମୁଖ ଶାସନ ସଚିବଙ୍କ ସହ ଆଲୋଚନା କରିଥିଲେ। ଓଡ଼ିଶାର ଯୁବଶକ୍ତିଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ ସେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ପ୍ରାରମ୍ଭରେ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ପାଢ଼ୀ ମନ୍ତ୍ରୀଙ୍କୁ ବିଭାଗର କାର୍ଯ୍ୟାବଳୀ, ପ୍ରଶାସନିକ ଭିତ୍ତିଭୂମି ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ବିଭିନ୍ନ ଯୋଜନା ଓ ବିତ୍ତୀୟ ଅନୁଦାନ ଉପରେ ପିପିଟି ମାଧ୍ୟମରେ ବିଶଦ ତଥ୍ୟ ଉପସ୍ଥାପନ କରିଥିଲେ । ଡିଜିଟାଲ୍ ସ୍କିଲିଂ, ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଏବଂ ମେରାଇନ୍ ଇଂଜିନିୟରିଂ ଆଦି ବିଷୟଗୁଡ଼ିକୁ ବିଭାଗରେ ସାମିଲ କରିବା ନେଇ ମଧ୍ୟ ଆଲୋଚନା କରିଥିଲେ । ଆଗାମୀ ଦିନରେ ବିଶ୍ୱ ଦକ୍ଷତା କେନ୍ଦ୍ରର ସମ୍ପ୍ରସାରଣ ସହିତ ଏହି କେନ୍ଦ୍ରରେ ଆହୁରି ଶିଳ୍ପଭିତ୍ତିକ ଦକ୍ଷତା ତାଲିମ ପାଇଁ ପ୍ରସ୍ତାବ ରହିଛି ବୋଲି ଶ୍ରୀମତୀ ପାଢ଼ୀ ସୂଚନା ଦେଇଥିଲେ ।

ଚୋରାମଦ ଓ ବ୍ରାଉନ ସୁଗାର କାରବାରକୁ ରୋକାଯିବ : ପୃଥ୍ୱୀରାଜ

ଭୁବନେଶ୍ୱର,୧୮/୦୬ ନ୍ୟୁଜ ବ୍ୟୁରୋ
ରାଜ୍ୟ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମଙ୍ଗଳବାର ବିଭାଗୀୟ ସମୀକ୍ଷା କରିଛନ୍ତି । ଲୋକସେବା ଭବନର ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ଶ୍ରୀ ହରିଚନ୍ଦନ ବିଭାଗର ବିଭିନ୍ନ କାର୍ଯ୍ୟଧାରା ଉପରେ ସମୀକ୍ଷା କରିଛନ୍ତି । ପ୍ରାରମ୍ଭରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ ମନ୍ତ୍ରୀଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ

ସମ୍ବର୍ଦ୍ଧିତ କରିବା ସହ ବିଭାଗର ବିଭିନ୍ନ କାର୍ଯ୍ୟଧାରା ସମ୍ପର୍କରେ ଅବଗତ କରାଇଥିଲେ । ବିଭିନ୍ନ ଆର୍ଥିକ ବର୍ଷରେ ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଶ୍ରୀ ଲୋହାନୀ ସୂଚନା ପ୍ରଦାନ କରିଥିଲେ। ସେହିଭଳି ଅବକାରୀ କମିଶନର ନରସିଂହ ଭୋଳ ଏବଂ ରାଜ୍ୟ ପାନୀୟ ନିଗମ ପରିଚାଳନା ନିର୍ଦ୍ଦେଶକ ଅମ୍ବର କୁମାର କର ପ୍ରମୁଖ ମଧ୍ୟ ମନ୍ତ୍ରୀଙ୍କୁ ସ୍ୱାଗତ କରିବା ସହ ବିଭାଗର କାର୍ଯ୍ୟାଧାରା ଓ ରୂପରେଖ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ। ରାଜ୍ୟରେ ଚୋରା ମଦ କାରବାର ରୋକିବା ଏବଂ ବ୍ରାଉନ ସୁଗାର ବ୍ୟବହାରକୁ ପ୍ରତିହତ କରିବା ଦିଗରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ବିଭାଗରେ ଅଧିକ ସଂଖ୍ୟକ କର୍ମଚାରୀ ନିୟୋଜନ ଏବଂ ଚଢ଼ଉକୁ ବ୍ୟାପକ କରିବା ଦିଗରେ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବାକୁ ସେ ପରାମର୍ଶ ଦେଇଥିଲେ। ବିଭାଗର କାର୍ଯ୍ୟଧାରାରେ ବୈଷୟିକ ଜ୍ଞାନକୌଶଳର ବ୍ୟାପକ ପ୍ରୟୋଗ, ଅଧିକାରୀମାନଙ୍କ ଦକ୍ଷତା ବୃଦ୍ଧି, ବିଭାଗର ପ୍ରତ୍ୟେକ କ୍ଷେତ୍ରରେ ସ୍ୱଚ୍ଛ ପ୍ରକ୍ରିୟା ଅବଲମ୍ବନ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ ।

ଦଶପଲା ବନାଞ୍ଚଳରୁ ଦନ୍ତାର ଗଳିତ ମୃତଦେହ ଠାବ

ଦଶପଲା, ୧୮/୦୬ ନ୍ୟୁଜ ବ୍ୟୁରୋ
ପୁଣି ଦନ୍ତା ମୃତ । ଦଶପଲ୍ଲା ବନାଞ୍ଚଳ ସଦର ସେକ୍ସନ ଅଧିନସ୍ଥ ତେଣ୍ଡାବାଡ଼ି ଗ୍ରାମପଞ୍ଚାୟତ ପୋଇବାଡ଼ି ସଂରକ୍ଷିତ ଜଙ୍ଗଲ ଡମ୍ପିରିକଡ଼ିଆ ପାହାଡ଼ରେ ପନ୍ଦର ବର୍ଷର ଦନ୍ତାହାତୀର ଗଳିତ ମୃତଦେହ ଠାବ କରାଯାଇଥିବା ସୂଚନା ମିଳିଛି । ହାତୀ ମୃତ୍ୟୁର କାରଣ ଜଣାପଡିନି । ତେବେ ଘଟଣାକୁ ଚାପି ଦେବାକୁ ଉଦ୍ୟମ ହେଉଥିବା ଜଣାପଡିଛି ।

ଗ୍ରୀଷ୍ମ ପ୍ରବାହ ନେଲାଣି ୧୭୦ ଜୀବନ

ନୂଆଦିଲ୍ଲୀ, ୧୮।୬
ଦେଶର ବିଭିନ୍ନ ରାଜ୍ୟରେ ଲୁ ପ୍ରଭାବରୁ ଭୀଷଣ ଗରମ ଅନୁଭୂତ ହେଉଛି । ଉତ୍ତର ପ୍ରଦେଶ, ପଞ୍ଜାବ, ହରିୟାଣା, ଜମ୍ମୁ-କଶ୍ମୀର ସମେତ ଅନ୍ୟ ପାହାଡ଼ିଆ ରାଜ୍ୟଗୁଡ଼ିକରେ ଲୁ'ର ପ୍ରଭାବ ପ୍ରବଳ ମାତ୍ରାରେ ପଡ଼ିଛି । ଏହି ଗରମରେ ଉତ୍ତରପ୍ରଦେଶରେ ଗତ ୨୪ ଘଣ୍ଟା ମଧ୍ୟରେ ୧୬୯ ଜଣଙ୍କର ମୃତ୍ୟୁ ହୋଇଛି। ପୂର୍ବାଞ୍ଚଳର ଚାରୋଟି ଜିଲ୍ଲାରେ ୫୦ ଜଣ ପ୍ରାଣ ହରାଇଛନ୍ତି। ଯେଉଁଥିରେ କେବଳ ବାରାଣାସୀରୁ ୩୩ ଜଣଙ୍କ ମୃତ୍ୟୁ ଘଟିଛି। ଏଥି ସହ ଗାଜିପୁର, ମିର୍ଜାପୁର ଏବଂ ଚାନ୍ଦୌଲିରେ ୧୭ ଜଣ ପ୍ରାଣ ହରାଇଛନ୍ତି। ବୁନ୍ଦେଲଖଣ୍ଡ ଏବଂ କାନପୁର ଅଞ୍ଚଳରୁ ୧୦୦ ଲୋକଙ୍କ ପ୍ରାଣ ଯାଇଛି । କାନପୁରରେ ସର୍ବାଧିକ ୨୬ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ହମିରପୁରରେ ୧୯ ଜଣଙ୍କର ମୃତ୍ୟୁ ଘଟିଛି। ଚିତ୍ରକୋଟରେ ୧୪ ଜଣ, ଫତେହପୁରରେ ୧୩ ଜଣ, ମହୋବାରେ ୧୨ ଜଣ, ବୃନ୍ଦା ଏବଂ ଆରୟାରେ ୬ ଜଣ, ଜାଲୁନରେ ୩ ଜଣ ଏବଂ ଫାରୁଖବାଦରେ ଜଣେ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ଫିରୋଜାବାଦରେ ଅତ୍ୟଧିକ ଉତ୍ତାପ କାରଣରୁ ଜଣେ ବୃଦ୍ଧ ଓ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି । ଶିକୋହାବାଦ ଏବଂ ଟୁଣ୍ଡଲାରେ ମଧ୍ୟ ଦୁଇଜଣଙ୍କର ମୃତ୍ୟୁ ଘଟିଛି। ଏଥିସହିତ ଲୁ' ପ୍ରଭାବରୁ ପ୍ରୟାଗରାଜରେ ୮ ଜଣ, କୌଶମ୍ବୀରେ ୫ ଜଣ, ପ୍ରତାପଗଡରେ ୨ ଜଣଙ୍କର ମୃତ୍ୟୁ ହୋଇଛି। ଅନ୍ୟପଟରେ ବୁନ୍ଦେଲଖଣ୍ଡରେ ୩୦ ଜଣଙ୍କ ମୃତ୍ୟୁ ହୋଇଥିବା ଖବର ସାମ୍ନାକୁ ଆସିଛି ।

ବିଜେଡି ସରକାର ପତନ ପରେ ଲଣ୍ଡିତ ମସ୍ତକ ହେଲି : ବାବୁ ସିଂ

ଭୁବନେଶ୍ୱର, ୧୮/୦୬ ନ୍ୟୁଜ ବ୍ୟୁରୋ
ଦୀର୍ଘ ୨୪ ବର୍ଷର ଭ୍ରଷ୍ଟାଚାର ସରକାରର ପତନ ପରେ ରାଜ୍ୟବାସୀ ନ୍ୟାୟ ପାଇଲେ ବୋଲି ଭୁବନେଶ୍ୱର ଏକାମ୍ର ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ବିଜେପି ବିଧାୟକ ବାବୁ ସିଂ କହିଛନ୍ତି। ଶ୍ରୀ ସିଂ କହିଛନ୍ତି ଯେ, ରାଜ୍ୟବାସୀ ଅତ୍ୟନ୍ତ ଦୟନୀୟ ପରିସ୍ଥିତିରେ ଗତି କରୁଥିଲେ ମଧ୍ୟ କାହାକୁ ଜଣାଇ ପାରୁନଥିଲେ। ସବୁକିଛି ଅନ୍ୟାୟକୁ ଆଖିବୁଜି ସହି ଯାଉଥିଲେ। କ୍ରମେ କ୍ରମେ ଏହା ବଢ଼ି ଅସହ୍ୟ ହେଲା। ସାଧାରଣ ଜନତା ଆଉ ସହ୍ୟ କରିବା ଅବସ୍ଥାରେ ନଥିଲେ। ତେଣୁ ସେମାନେ ନିର୍ବାକ ହୋଇ ବସିବା ଅପେକ୍ଷା ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ, ଯାହା ଫଳରେ ବିଜେପି ସରକାର ହାତକୁ ଶାସନ ଡୋରି ଆସିଲା। ରାଜ୍ୟର ନୂତନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହେଲେ। ଲୋକଙ୍କୁ ନ୍ୟାୟ ଦେବାକୁ ସେ ପ୍ରଥମ ଦିନରୁ ପ୍ରତିଜ୍ଞା କରି କାର୍ଯ୍ୟଭାର ସମ୍ଭାଳିଛନ୍ତି। ଆଗକୁ ମଧ୍ୟ ସେ ଲୋକମାନଙ୍କ ସୁବିଧା ସୁଯୋଗ ପାଇଁ ସବୁପ୍ରକାରେ ଚେଷ୍ଟା କରିବେ ବୋଲି କଥା ଦେଇଛନ୍ତି। ଏଣିକି ସବୁ ଶୃଙ୍ଖଳିତ ଭାବେ ହେବ। ଲୋକମାନେ ଶ୍ୱାସରୁଦ୍ଧ ଅବସ୍ଥାରୁ ଏଣିକି ମୁକ୍ତି ପାଇଲେ, ସେଥିପାଇଁ ମୁଁ ପ୍ରଭୁ ଜଗନ୍ନାଥଙ୍କ ପାଖରେ ଚୁଟି ସମର୍ପଣ କଲି ବୋଲି ଅତ୍ୟନ୍ତ କ୍ଷୋଭର ସହ କହିଛନ୍ତି ବାବୁ ସିଂ ।

୨୪ ବର୍ଷର ପରମ୍ପରାରେ ଭଙ୍ଗା ପଡିବ

ଏଣିକି ସଚିବମାନେ ମନ୍ତ୍ରୀଙ୍କ ପାଖରେ ଉତ୍ତରଦାୟୀ ରହିବେ

ଭୁବନେଶ୍ୱର, ୧୮/୦୬ ନ୍ୟୁଜ ବ୍ୟୁରୋ
ଦୀର୍ଘ ୨୪ ବର୍ଷ ଧରି ରାଜ୍ୟରେ ବାବୁଭାୟାମାନଙ୍କର ଯେଉଁ ରାଜୁତି ଚାଲିଥିଲା ତାହାର ଏବେ ଅନ୍ତ ହେବାକୁ ଯାଉଛି। ନବଗଠିତ ବିଜେପି ସରକାର ଏବେ ବାବୁଭାୟାମାନଙ୍କ ପ୍ରାଦୁର୍ଭାବକୁ ଆଉ ସହ୍ୟ କରିବା ଅବସ୍ଥାରେ ନାହାନ୍ତି। ଗତ ୨୪ ବର୍ଷ ଧରି ରାଜ୍ୟର ବିକାଶ ଓ ଯୋଜନାର ସଫଳ ରୂପାୟନ ପାଇଁ ଅଫିସରମାନେ ପ୍ରତିବନ୍ଧକ ସୃଷ୍ଟି କରୁଥିଲେ। ସରକାରୀ କାର୍ଯ୍ୟରେ ମନ୍ତ୍ରୀମାନଙ୍କର କଥା ପ୍ରାୟ ରହୁନଥିଲା। ସଚିବମାନେ ଅଧିକାଂଶ ସମୟରେ ମନ୍ତ୍ରୀମାନଙ୍କ ନିକଟରେ ଉତ୍ତରଦାୟୀ ରହୁନଥିଲେ। ସରକାରୀ ନିଷ୍ପତ୍ତିଗୁଡିକ ଉପରେ କେବଳ ମନ୍ତ୍ରୀମାନଙ୍କୁ ଦସ୍ତଖତ ଦେବାକୁ ସଚିବମାନେ ବାଧ୍ୟ କରୁଥିଲେ। ଅଳ୍ପ କେତେ ସଂଖ୍ୟକ ଅଫିସର ସରକାରୀ ନୀତିନିୟମ ନିର୍ଦ୍ଧାରଣ କରୁଥିଲେ। ବହୁ ନିଷ୍ପତ୍ତି ପ୍ରକ୍ରିୟାରେ ମୁଖ୍ୟ ଶାସନ ସଚିବ କିମ୍ବା ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ କେବଳମାତ୍ର ସରକାରୀ ନିଷ୍ପତ୍ତି ଜଣାଇ ଦିଆଯାଉଥିଲା, ମାତ୍ର ସମ୍ମତି ନିଆ ଯାଉନଥିଲା। ଏବେ ୨୪ ବର୍ଷ ଧରି ଚାଲିଥିବା ନିରନ୍ତର ପ୍ରକ୍ରିୟାରେ ଭଙ୍ଗା ପଡିବ। ସଚିବମାନଙ୍କୁ ମନ୍ତ୍ରୀମାନଙ୍କ ନିକଟରେ ଉତ୍ତରଦାୟୀ ରହିବାକୁ ପଡିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ଉପମୁଖ୍ୟମନ୍ତ୍ର ପ୍ରଭାତୀ ପରିଡାଙ୍କ ଦାୟିତ୍ୱ ଗ୍ରହଣ ପରେ ସେମାନଙ୍କର କାର୍ଯ୍ୟଧାରା, ଆଚରଣ ଓ ଉଚ୍ଚାରଣରୁ ଏହାହିଁ ସ୍ପଷ୍ଟ ଜଣାପଡୁଛି। ଦାୟିତ୍ୱ ଗ୍ରହଣ କରିଥିବା ବିଭିନ୍ନ ମନ୍ତ୍ରୀମାନେ ମଧ୍ୟ ସ୍ପଷ୍ଟ ଭାବେ ଏହା ଉଲ୍ଲେଖ କଲେଣି। ଦୀର୍ଘ ୨୪ବର୍ଷ ଧରି ରାଜ୍ୟରେ ବିଜେଡି ସରକାର କ୍ଷମତାରେ ଥିଲା। ନବୀନ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ମନ୍ତ୍ରୀଙ୍କ ଅପେକ୍ଷା ସଚିବମାନେ ଅଧିକ କ୍ଷମତାଶାଳୀ ଥିଲେ । ଏମିତିକି ଅନେକ କ୍ଷେତ୍ରରେ ବିଭାଗୀୟ ମନ୍ତ୍